୩-୯ ଅଗଷ୍ଟ , ୨୦୨୫

ସକାଳ THE SAKALA
ରବିବାର
ସିନ୍ଧୁରା

- ସାଂପ୍ରତିକ ଯୁବ ସମାଜ
- ପଥଭ୍ରଷ୍ଟ ଯୁବପିଢ଼ି
- ଦାୟିତ୍ୱହୀନ ଯୁବଗୋଷ୍ଠୀ
- ଯୁବ ସମାଜ: ସମ୍ଭାବନା ଓ ସମସ୍ୟା
- ଯୁବପିଢ଼ି ଓ ନୈତିକ ଶିକ୍ଷା

ସନ୍ଧିକ୍ଷଣରେ ଯୁବପିଢ଼ି

ଦେଶର ଭବିଷ୍ୟତ ଓ ଉନ୍ନତି ଯୁବପିଢ଼ି ଉପରେ ନିର୍ଭରଶୀଳ । ଯେଉଁ ଦେଶରେ ଯୁବକଙ୍କ ସଂଖ୍ୟା ଅଧିକ, ସେଇ ଦେଶର ବିକାଶ ସେତିକି ତୀବ୍ର ଗତିରେ ବୃଦ୍ଧି ପାଇଥାଏ । କାରଣ ଯୁବ ସମାଜ ହିଁ ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ନୂତନ ଭାବନା ଓ ସକାରାତ୍ମକ ଚିନ୍ତାଧାରା ଯୋଗୁଁ ଦେଶର ପ୍ରଗତିରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ । ଯୁବ ଗୋଷ୍ଠୀ ହେଉଛନ୍ତି ଯେ କୌଣସି ଦେଶର ବହୁମୂଲ୍ୟ ସଂପତ୍ତି । ତେବେ ବର୍ତ୍ତମାନ ଅନେକ ଯୁବକଯୁବତୀ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି । ଯାହାର ଅପବାଦ ପୂରା ଯୁବ ସମାଜକୁ ମୁଣ୍ଡାଇବାକୁ ପଡୁଛି । ବିଭିନ୍ନ କାରଣ ଯୋଗୁଁ ଅଧିକାଂଶ ସମୟ ସେମାନେ ମାନସିକ ଦୁଶ୍ଚିନ୍ତା, ଅବସାଦ, ହତାଶ, ନିଶା ସେବନ, ଅସାମାଜିକ କାର୍ଯ୍ୟକଳାପ ଭିତରେ ବୁଡ଼ି ରହୁଛନ୍ତି । ବିପଥଗାମୀ ଯୁବକଯୁବକତୀମାନେ ମାନସିକ ଅବସାଦ ଯୋଗୁଁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ମଧ୍ୟ ପଛଘୁଞ୍ଚା ଦେଉ ନାହାନ୍ତି । ବିଶୃଙ୍ଖଳିତ ଯୁବ ସମାଜକୁ ଶୃଙ୍ଖଳାର ବନ୍ଧନରେ ଆବଦ୍ଧ କରିବା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି । ତେବେ ବିପଥଗାମୀ ନ ହୋଇ ଯୁବ ସମାଜ ସତ୍‌ପଥରେ ପରିଚାଳିତ ହେବାର ସମୟ ଆସିଛି । ନିଜ ଲକ୍ଷ୍ୟ ପ୍ରାପ୍ତି ନହେବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବା ଆବଶ୍ୟକ । ମାନସିକ ଅବସାଦ, ଆତ୍ମହତ୍ୟା, ନିଶା ସେବନ, ଅସାମାଜିକ କାର୍ଯ୍ୟକଳାପଠାରୁ ଦୂରେଇ ରହି ଦେଶର ବିକାଶ ଓ ସମାଜର ମଙ୍ଗଳ ପାଇଁ ଯୁବ ସମାଜ ଅଙ୍ଗୀକାରବଦ୍ଧ ହେବା ଉଚିତ । ନଚେତ୍ ଯୁବପିଢ଼ି ଉପରୁ ଦେଶବାସୀଙ୍କ ଆଶା ଓ ବିଶ୍ୱାସ ତୁଟି ଯିବ । ଏହି ପରିପ୍ରେକ୍ଷୀରେ ସାଂପ୍ରତିକ ଯୁବ ସମାଜର ସ୍ଥିତି ଓ ସମସ୍ୟାକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା : **ସନ୍ଧିକ୍ଷଣରେ ଯୁବପିଢ଼ି**

ପ୍ରସ୍ତୁତି 'ସକାଳ' ବ୍ୟୁରୋ

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

କେମିତି କଟିବ ସପ୍ତାହ

ମେଷ
ରବିବାରରେ ପୁରୁଣା ସମସ୍ୟାର ସମାଧାନ ହେବ । ସୋମ, ମଙ୍ଗଳବାରରେ ମହିଳାମାନେ ଆଦର ସମ୍ମାନ ପାଇବେ । ବୁଧ, ଗୁରୁବାରରେ ଉପସ୍ଥିତବୁଦ୍ଧି ପ୍ରୟୋଗ କରି କାମ ହାସଲ କରି ପାରିବେ । ଶୁକ୍ର, ଶନିବାରରେ ରାଜନୀତିଜ୍ଞମାନେ ସଫଳତା ପାଇବେ ।

ବୃଷ
ରବିବାରରେ ପୈତୃକ ସଂପତ୍ତିକୁ ନେଇ ବିବାଦ ଦେଖାଦେବ । ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରର ସ୍ଥାନ ପରିବର୍ତ୍ତନର ଯୋଗ ଅଛି । ବୁଧ, ଗୁରୁବାରରେ ବ୍ୟବସାୟରେ ଉତ୍ତମ ଜ୍ଞାନକୌଶଳ ପ୍ରୟୋଗ କରିବେ । ଶୁକ୍ର, ଶନିବାରରେ ଉପରିସ୍ଥ କର୍ମଚାରୀଙ୍କ ସହିତ ବଚସା ହୋଇପାରେ ।

ମିଥୁନ
ରବିବାରରେ ବିଳାସବ୍ୟସନରେ ସମୟ କାଟିବେ । ସୋମ, ମଙ୍ଗଳବାରରେ ବ୍ୟବସାୟରେ ମଧ୍ୟମ ଧରଣର ଲାଭ ପାଇବେ । ସ୍ୱାସ୍ଥ୍ୟ ଉତ୍ତମ ରହିବ । ବୁଧ, ଗୁରୁବାରରେ ଆର୍ଥିକ ଚିନ୍ତାକରି କଷ୍ଟ ପାଇପାରନ୍ତି । ବନ୍ଧୁ ସହଯୋଗ ମିଳିପାରେ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭବାନ ହେବେ ।

କର୍କଟ
ରବିବାରରେ ଆଶାଆକାଂକ୍ଷା ପୂରଣ ହେବ । ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ସାଧାରଣ ସମସ୍ୟା ଉପୁଜିପାରେ । ବୁଧ, ଗୁରୁବାରରେ ପରିବାରଜନଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାର ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହେବେ । ବ୍ୟବସାୟ ପାଇଁ ଦୂରଯାତ୍ରା କରିପାରନ୍ତି ।

ସିଂହ
ରବିବାରରେ ପାରିବାରିକ ଓ ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ । ସୋମ, ମଙ୍ଗଳବାରରେ କାର୍ଯ୍ୟରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ । ବୁଧ, ଗୁରୁବାରରେ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଶୁକ୍ର, ଶନିବାରରେ ପାରିବାରିକ ସୁଖଶାନ୍ତି ନଷ୍ଟ ହୋଇପାରେ ।

କନ୍ୟା
ରବିବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ସୋମ, ମଙ୍ଗଳବାରରେ ନୂଆ କାମ କରି ଉତ୍ସାହିତ ରହିବେ । ବୁଧ, ଗୁରୁବାରରେ ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ ପାରିବାରିକ ନିବିଡ଼ତା ମଧ୍ୟ ବୃଦ୍ଧି ପାଇବ । ମହିଳାମାନେ ସ୍ୱାଧୀନମନା ହେବେ ।

ତୁଳା
ରବିବାରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ । ସୋମ, ମଙ୍ଗଳବାରରେ ପାରିବାରିକ ଜୀବନ ସୁଖପ୍ରଦ ହେବ । ବୁଧ, ଗୁରୁବାରରେ ଆକସ୍ମିକ ଭାବରେ ବ୍ୟୟଭାର ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ସାହିତ୍ୟ ଓ ପ୍ରଶାସନିକ ସ୍ତରରେ ଉଚ୍ଚସମ୍ମାନ ପାଇପାରନ୍ତି ।

ବିଛା
ରବିବାରରେ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ । ସୋମ, ମଙ୍ଗଳବାରରେ ଅକସ୍ମାତ୍ ଦୂରଯାତ୍ରା କରିପାରନ୍ତି । ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇ ପାରେ । ଶୁକ୍ର, ଶନିବାରରେ ସନ୍ତାନମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ ।

ଧନୁ
ରବିବାରରେ ଜମିଜମା ମାମଲାକୁ ନେଇ ଶତ୍ରୁ ଉପୁଜିବେ । ସୋମ, ମଙ୍ଗଳବାରରେ ମାନସିକ ଅବସାଦର ଶିକାର ହୋଇପାରନ୍ତି । ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ । ଶୁକ୍ର, ଶନିବାରରେ ସରକାରୀ ସହାୟତା ପାଇ ଦୀର୍ଘଦିନ ଧରି ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ ।

ମକର
ରବିବାରରେ ପରିବାରରେ ସୁଖ-ସଂପ୍ରୀତି ବୃଦ୍ଧି ପାଇବ । ସୋମ, ମଙ୍ଗଳବାରରେ ଅଳ୍ପ ପରିଶ୍ରମ କରି ଅଧିକ ଫଳ ପାଇବାର ଆଶା ରଖିବେ । ବୁଧ, ଗୁରୁବାରରେ ଅବିବାହିତମାନଙ୍କ ପାଇଁ ବିବାହ ପ୍ରସ୍ତାବ ସ୍ଥିରୀକୃତ ହେବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ସଂଯମତା ଅବଲମ୍ବନ କରନ୍ତୁ ।

କୁମ୍ଭ
ରବିବାରରେ ପ୍ରତ୍ୟେକ କାର୍ଯ୍ୟରେ ଶୁଭ ଫଳ ପାଇବେ । ସୋମ, ମଙ୍ଗଳବାରରେ ଅନ୍ୟମନସ୍କତା ପାଇଁ କିଛି ମୂଲ୍ୟବାନ ବସ୍ତୁ ହରାଇ ବସିବେ । ବୁଧ, ଗୁରୁବାରରେ ସହକର୍ମୀ ଅସନ୍ତୁଷ୍ଟ ହୋଇପାରନ୍ତି । ଶୁକ୍ର, ଶନିବାରରେ ବ୍ୟବସାୟ, ପରିବହନରୁ ଲାଭାନ୍ୱିତ ହେବେ ।

ମୀନ
ରବିବାରରେ ପରିବାରଠାରୁ ସହଯୋଗ ନ ପାଇ ଦୁଃଖିତ ହେବେ । ସୋମ, ମଙ୍ଗଳବାରରେ ବେରୋଜଗାର ବ୍ୟକ୍ତିଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ବୁଧ, ଗୁରୁବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରୁହନ୍ତୁ । ଶୁକ୍ର, ଶନିବାରରେ ଅକସ୍ମାତ୍ ବନ୍ଧୁମିଳନ ହୋଇପାରେ । ମହିଳାମାନେ ଆତ୍ମନିର୍ଭରଶୀଳ ହେବେ ।

ସାଂପ୍ରତିକ ଯୁବ ସମାଜ

ଡକ୍ଟର ମୌସୁମୀ ପରିଡ଼ା

ଦେଶର ସାମାଜିକ ଓ ଆର୍ଥିକ ପ୍ରଗତି ଯୁବପିଢ଼ିଙ୍କ ଦ୍ୱାରା ସମ୍ଭବ ହୋଇଥାଏ । ୨୦୨୨ ମସିହାର ରିପୋର୍ଟ ଅନୁଯାୟୀ ଆମଦେଶର ଯୁବବର୍ଗ ସଂପୂର୍ଣ୍ଣ ଜନସଂଖ୍ୟାର ପ୍ରାୟ ୨୭.୨ ପ୍ରତିଶତ । ଦେଶର ୩୪ ପ୍ରତିଶତ ଆୟ ୧୫ରୁ ୨୯ ବର୍ଷୀୟ ଯୁବବର୍ଗଙ୍କ ସହଭାଗିତାରୁ ସମ୍ଭବ ହୋଇପାରୁଛି ବୋଲି ଜଣାଯାଏ । ଏହା ପାଶ୍ଚାତ୍ୟ ଦେଶ ତୁଳନାରେ କମ୍ ଥିଲେ ବି ନୈରାଶ୍ୟଜନକ ନୁହେଁ । ଦେଶ ସହିତ ପରିବାର ଓ ସମାଜର ଭବିଷ୍ୟତ ଏହି ବର୍ଗଙ୍କ ଉପରେ ନିର୍ଭରଶୀଳ । ଏମାନେ ସେତେବେଳେ ପ୍ରଶଂସନୀୟ ହୁଅନ୍ତି, ଯେତେବେଳେ ଜଣେ ପିତାଙ୍କ ପାଇଁ ଲାଠି, ପରିବାର ପାଇଁ କାନ୍ଧ, ସମାଜ ପାଇଁ ମଶାଲ୍ ଓ ଦେଶ ପାଇଁ ନିଜକୁ ବାଜି ଲଗାଇଦେବାକୁ ପ୍ରସ୍ତୁତ ରହିବାକୁ ଜୀବନର ବ୍ରତ କରିନିଅନ୍ତି ।

ଦେଶର ଭବିଷ୍ୟତ ଯୁବପିଢ଼ି

ବାସ୍ତବତା ହେଉଛି ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ମଣିଷ ଶକ୍ତିଶାଳୀ, ଏକନିଷ୍ଠ ଓ କଳାକୁଶଳତାରେ ପରିପୂର୍ଣ୍ଣ ଥାଏ । ଦେହମନରେ ଥାଏ ଅଦ୍ୟମ ଉତ୍ସାହ, ଗଭୀର ନିଷ୍ଠା ଯାହାକୁ ସାକାର କରିବାକୁ ପାଖରେ ଥାଏ ପର୍ଯ୍ୟାପ୍ତ ସମୟ । କୌଣସି ଜଞ୍ଜାଳ ନା ଦାୟିତ୍ୱ ସେ ଉଦ୍ଦାମତାକୁ ନ୍ୟୂନ କରିପାରେ । ସେହି ନିର୍ଦ୍ଦିଷ୍ଟ ସମୟର ଦୁରୁପଯୋଗ ହେଲେ ପଥଭ୍ରଷ୍ଟ ହେବାର ଆଶଙ୍କା ଥାଏ । ଜୀବନ ନଷ୍ଟ ହେବା ସହିତ ପରିବାରରେ କଳଙ୍କ ଲାଗେ । ସମାଜରେ ନିନ୍ଦା ହୁଏ । ସ୍ୱାମୀ ବିବେକାନନ୍ଦ ଯୁବବର୍ଗଙ୍କଠାରେ ଗଭୀର ନିଷ୍ଠା ଓ ଆତ୍ମବିଶ୍ୱାସ ଦେଖିଥିଲେ । ସେମାନଙ୍କ ବ୍ୟକ୍ତିତ୍ୱର ପରାକାଷ୍ଠା ଦେଶକୁ ସମୁନ୍ନତ ସ୍ତରକୁ ନେଇଯାଇପାରିବ ବୋଲି ମନେ କରୁଥିଲେ । ତେଣୁ ସେ 'ଉପନିଷଦ'ର ଲୋକପ୍ରିୟ ଉଦ୍ଧୃତି ଅନୁଯାୟୀ କହୁଥିଲେ- ଉତିଷ୍ଠତ, ଜାଗ୍ରତ, ପ୍ରାପ୍ୟ ବରନିବୋଧତ ଅର୍ଥାତ୍ ଉଠ, ଜାଗ୍ରତ ହୁଅ ଏବଂ ଲକ୍ଷ୍ୟପ୍ରାପ୍ତି ନହେବା ପର୍ଯ୍ୟନ୍ତ ଅଟକିଯାଅନି । ଯୁବବର୍ଗଙ୍କୁ ଦେଶର ଭବିଷ୍ୟତ ବୋଲି ସ୍ୱୀକାର କରିଥିବା ଡକ୍ଟର ଏପିଜେ ଅବଦୁଲ୍ କଲାମଙ୍କ ମତରେ –ତୁମ ପାଖରେ ଡେଣା ଅଛି, ତାକୁ ଉଡ଼ିବା ପାଇଁ ବ୍ୟବହାର କରିବାକୁ ଶିକ୍ଷାଲାଭ କର । ନିର୍ଭୀକ ଭାବେ ଆଗକୁ ବଢ଼ି ନିଜ ସ୍ୱପ୍ନକୁ ହାସଲ ନକରିବା ପର୍ଯ୍ୟନ୍ତ ପଛଘୁଞ୍ଚା ଦିଅ ନାହିଁ । ନିଜ ଲକ୍ଷ୍ୟକୁ ଉଚ୍ଚ କରି ଦେଶକୁ ମହାନ୍ ବନେଇବା ପାଇଁ କଠିନ ଶ୍ରମ କର । ଆଶାବାଦୀ ହେବା, ଶିକ୍ଷାର ମହତ୍ୱ ବୁଝି ଲକ୍ଷ୍ୟପ୍ରାପ୍ତି ପାଇଁ କଠିନ ଶ୍ରମ ସହିତ ଦେଶକୁ ଭଲ ପାଇବା ତାଙ୍କ ମନ୍ତ୍ର ଥିଲା । ସମାଜର ଉନ୍ନତି ପାଇଁ ସକ୍ରିୟ ଅଂଶଗ୍ରହଣ କରିବାକୁ ସେ ଯୁବବର୍ଗଙ୍କୁ ପ୍ରେରିତ କରୁଥିଲେ ।

ମହାତ୍ମା ଗାନ୍ଧୀ ରାଷ୍ଟ୍ର ନିର୍ମାଣ ଓ ବିକଶିତ ଭାରତ ପାଇଁ ଯୁବବର୍ଗଙ୍କୁ ସକ୍ରିୟ ଅଂଶ ଗ୍ରହଣ କରିବାକୁ କହୁଥିଲେ । ଜୀବନରେ ସତ୍ୟ, ଅହିଂସା, ଆତ୍ମନିର୍ଭରଶୀଳତା, ସରଳତା ପରି ସଦ୍‌ଗୁଣଗୁଡ଼ିକକୁ ଆପଣେଇବା ପାଇଁ ଆହ୍ୱାନ ଦେଉଥିଲେ । ନିଜ ସଂସ୍କୃତି ଓ ପରମ୍ପରାକୁ ଭଲପାଇ ପାଶ୍ଚାତ୍ୟ ଜୀବନଶୈଳୀକୁ ତ୍ୟାଗ କରି ସ୍ୱଦେଶ ପ୍ରୀତିରେ ଅନୁପ୍ରାଣିତ ହେବାକୁ ଉପଦେଶ ଦେଉଥିଲେ ।

ଶୃଙ୍ଖଳାବିଚ୍ୟୁତ ଯୁବବର୍ଗ

ଆଜିକାଲିର ଯୁବପିଢ଼ି ସଚେତନଧର୍ମୀ ନହୋଇ ଶୃଙ୍ଖଳାବିଚ୍ୟୁତ ହୋଇପଡ଼ିଛନ୍ତି । ଖୁବ୍ କମ୍ ବୟସରୁ ଦିଗଭ୍ରଷ୍ଟ ହୋଇ ସମାଜକୁ କଳୁଷିତ କରିଚାଲିଛନ୍ତି । ପାଶ୍ଚାତ୍ୟ ଜୀବନଶୈଳୀ ଦ୍ୱାରା ନୈତିକତା କ୍ଷୟ ହେଉଥିବାରୁ ସେମାନେ ଠିକ୍ ଭୁଲ୍, ନ୍ୟାୟ ଅନ୍ୟାୟ, ବାଟ ଅବାଟ ନିର୍ଦ୍ଧାରଣ କରିବାରେ ଅକ୍ଷମ । ନିଶାଦ୍ରବ୍ୟ ସେବନ ଦ୍ୱାରା ଅନୁଶାସନହୀନ ଓ ବିଶୃଙ୍ଖଳିତ ସମାଜ ସୃଷ୍ଟି ହେଉଛି । ସେମାନେ କାହାର ଉପଦେଶ କିମ୍ବା ନୀତିନିୟମ ଗ୍ରହଣ କରୁନାହାନ୍ତି । ସାମାଜିକ ଗଣମାଧ୍ୟମର ଅପବ୍ୟବହାର କରି ବିଭିନ୍ନ ହିଂସାତ୍ମକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ହୋଇ କିପରି ରସାତଳଗାମୀ ହୋଇ ଚାଲିଛନ୍ତି, ତାହା ପରିତାପର ବିଷୟ! ଅବାଟକୁ ବାଟ ଓ ଅନ୍ୟାୟକୁ ନ୍ୟାୟ ଭାବି ସେମାନେ ଯେଉଁ ସଂସ୍କାରବିଚ୍ୟୁତ ହୋଇପଡ଼ିଛନ୍ତି ତା' ଦ୍ୱାରା ସମାଜର ମଙ୍ଗଳ ହେଉନାହିଁ; ଓଲଟା ସେମାନଙ୍କ ପରପିଢ଼ି ସେମାନଙ୍କୁ ଅନୁକରଣ କରି ସମାଜ ଓ ଦେଶକୁ ନିମ୍ନଗାମୀ କରିବା ସହିତ ପରମ୍ପରାବିଚ୍ୟୁତ କରିବାର ଆଶଙ୍କା ଉପୁଜିଛି । ଯେଉଁ ବୟସରେ ସେମାନେ ଜୀବନକୁ ସଂଭାବନାମୟ କରି ପ୍ରାଚୁର୍ଯ୍ୟରେ ଭରିଦେବା କଥା ସେ ସମୟରେ ନିଜ ବ୍ୟକ୍ତିତ୍ୱ ସହ ସମାଜର ଅଧୋପତନ ଘଟାଇ ଚାଲିଛନ୍ତି । ଏସବୁରେ ଲଗାମ କଷିବାକୁ ପଡ଼ିବ । ଏଭଳି ସନ୍ଧିକ୍ଷଣରେ ସେମାନଙ୍କୁ ଉଚିତ୍ ମାର୍ଗ ଦେଖାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ ।

ଶିକ୍ଷାର ଆବଶ୍ୟକତା

ଶିକ୍ଷା ବ୍ୟକ୍ତି ଓ ସମାଜକୁ ସୁମାର୍ଜିତ, ସୁବ୍ୟବସ୍ଥିତ ଓ ସୁସଂଗଠିତ କରିଥାଏ, ଯାହା ସମାଜର ସୁପରିଚାଳନା ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଯାହାର ପ୍ରଭାବରେ ବ୍ୟକ୍ତିର ଜ୍ଞାନକୌଶଳ ବୃଦ୍ଧି ସହିତ ବୌଦ୍ଧିକତାର ବିକାଶ ହୋଇଥାଏ । ଉଚିତ ଅନୁଚିତ, ଭଲମନ୍ଦ, ନ୍ୟାୟ ଅନ୍ୟାୟ ସହିତ ସେ ପରିଚିତ ହୁଏ । ମାନବୀୟ ମୂଲ୍ୟବୋଧ ଦ୍ୱାରା ସେ ସମାଜର ହିତସାଧନ କରିଥାଏ । ଶିକ୍ଷା ବ୍ୟକ୍ତିକୁ ମାନସିକ, ଶାରୀରିକ, ସାମାଜିକ, ଭାବନାତ୍ମକ, ଆତ୍ମିକ, ଆର୍ଥିକ ଓ ବୈଷୟିକ ସ୍ତରରେ ସମୃଦ୍ଧ କରିବା ସହିତ ସମ୍ବେଦନଶୀଳ କରାଏ । ଫଳରେ ସେ ବୁଦ୍ଧିମାନ୍, ଚରିତ୍ରବାନ୍ ଓ ବିବେକୀ ହୁଏ । କହିବା ବାହୁଲ୍ୟ ସମାଜରେ ବଳ ଅପେକ୍ଷା ବୁଦ୍ଧିର ମହତ୍ତ୍ୱ ଅଧିକ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କିଛି ନା କିଛି ଶିକ୍ଷାଲାଭ କରିବା ଜୀବନର ନିରବଚ୍ଛିନ୍ନ ପ୍ରକ୍ରିୟା । ଜ୍ଞାନର ମହାସାଗରକୁ ଆୟତ୍ତ କରିବା ଅସମ୍ଭବ । ତେଣୁ ଯୁବପିଢ଼ି ଅଧ୍ୟୟନ କରି ନିଜର ଭବିଷ୍ୟତ ଗଢ଼ିବା ସହିତ ଦେଶ ପ୍ରତି ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ସୁଚାରୁରୂପେ ପାଳନ କରିବା ଆବଶ୍ୟକ ।

ବିପଥଗାମୀ ଯୁବ ସମାଜ

କୌଣସି ସ୍ଥାୟୀ ସମାଧାନ ପାଇଁ ବ୍ୟବସ୍ଥାର ସୁପରିଚାଳନା ଜରୁରି । ବିଧିବ୍ୟବସ୍ଥାକୁ ଆମୂଳଚୂଳ ଅନୁଧ୍ୟାନ କରି ଆବଶ୍ୟକୀୟ ପଦକ୍ଷେପ ନିଆଗଲେ ବ୍ୟବସ୍ଥାରେ ସୁଧାର ଆସନ୍ତା । ବର୍ତ୍ତମାନର ସମସ୍ୟା ହେଉଛି ଶିକ୍ଷା ବ୍ୟବସ୍ଥାର ଚିରାଚରିତ ଧାରା, ଯାହା ପିଲାମାନଙ୍କ ବୌଦ୍ଧିକ ବିକାଶ ଦିଗରେ ଅଗ୍ରସର ନହୋଇ କେବଳ ବହିପାଠ ଭିତରେ ସୀମିତ ରହୁଛି । ବିଷୟଭିତ୍ତିକ ପାଠ୍ୟକ୍ରମ ପିଲାମାନଙ୍କ ବ୍ୟବହାରିକ ଜୀବନରେ କୌଣସି କାର୍ଯ୍ୟରେ ଆସୁନଥିବା ବେଳେ ଅନେକ ସମୟରେ ବହିରେ ଏକାଧିକ ତ୍ରୁଟି ପରିଲକ୍ଷିତ ହେବା ଚିନ୍ତାର ବିଷୟ ପାଲଟିଛି । କେଉଁଠି ଆବଶ୍ୟକୀୟ ସୁବିଧା ଓ ଭିତ୍ତିଭୂମିର ଅଭାବ ତ ଆଉ କେଉଁଠି ଶିକ୍ଷକମାନଙ୍କ ଅନୁପସ୍ଥିତି । କେଉଁଠି ଅଭିଭାବକମାନଙ୍କ ଭିତରେ ସଚେତନତାର ଅଭାବ ତ ଆଉ କେଉଁଠି ପିଲାମାନଙ୍କ ଉଦାସୀନତା ଶିକ୍ଷା ବ୍ୟବସ୍ଥାର ଅଧୋଗତି ଘଟାଇଛି । ଶିକ୍ଷା ବ୍ୟବସ୍ଥାର ଅନ୍ତରୀଣ ସମସ୍ୟା ଯାହା ପରବର୍ତ୍ତୀ ସମୟରେ ଯୁବପିଢ଼ିକୁ ବିପଥଗାମୀ କରାଉଛି । କାରଣ ବିଦ୍ୟା ଆହରଣର ମୂଳଦୁଆଟି ବିନା ବିଦ୍ୟାରେ ଦୁର୍ବଳ ଥାଏ । ଇଂରାଜୀ ମିଡିୟମ୍ ସ୍କୁଲ, ଆଦର୍ଶ ବିଦ୍ୟାଳୟ ବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରି ଶିକ୍ଷାନୁଷ୍ଠାନଗୁଡ଼ିକରେ ମାତ୍ରାଧିକ ବିଷୟବସ୍ତୁ ପିଲାମାନଙ୍କ ମାନସିକ ଚାପ ବୃଦ୍ଧି କରେ । ଛୋଟପିଲାଙ୍କ ଉପରେ ଆବଶ୍ୟକତାଠାରୁ ଅତ୍ୟଧିକ ବିଷୟ ଲଦିଦେବା ଦ୍ୱାରା ସେମାନଙ୍କ ଜୀବନଶୈଳୀ ସହିତ ଚିନ୍ତାଧାରା ପ୍ରଭାବିତ ହୁଏ । ଅଭିଭାବକଙ୍କ ଦ୍ୱାରା ସେମାନଙ୍କ ମନରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ବୀଜଟିଏ ରୋପଣ କରିଦିଆଯାଏ । ଯାହାଫଳରେ ପିଲାର ନୈତିକ ବିକାଶ ହୋଇପାରେନା । ଅଭିଭାବକମାନେ ମୋଟା ଅଙ୍କର ଅର୍ଥ ରୋଜଗାର ନିମିତ୍ତ ବିଭିନ୍ନ ପ୍ରବେଶିକା ପରୀକ୍ଷା ଦେବାକୁ ପିଲାମାନଙ୍କୁ ଉତ୍ସାହିତ କରନ୍ତି । ସେଥିପାଇଁ କେତେ ପ୍ରକାରର କୋଚିଂ ବ୍ୟବସ୍ଥା ସାରାଦେଶକୁ କବଳିତ କରିସାରିଛି । ଆଜିକାଲି ଶିକ୍ଷା ପିଲାମାନଙ୍କୁ ଭଲ ମଣିଷ କରିବା ପରିବର୍ତ୍ତେ ଭଲ ରୋଜଗାରକ୍ଷମ ଚାକିରି ହାସଲ କରାଇବାର ମାଧ୍ୟମ ପାଲଟିଛି । ସେଥିପାଇଁ ପାଠର ମାନ ହ୍ରାସ ପାଇଛି । ପ୍ରତ୍ୟେକ ଗଳିକନ୍ଦିରେ ଛତୁ ଫୁଟିଲା ପରି ଟିଉସନ୍, କୋଚିଂ ସେଣ୍ଟରଗୁଡ଼ିକ ଗଢ଼ି ଉଠିଛି । ସ୍କୁଲ, କଲେଜର ଶିକ୍ଷକମାନେ ଏଭଳି ପତନୋମୁଖୀ ଅବ୍ୟବସ୍ଥାର ମୁଖ୍ୟ ପୁରୋଧା ପାଲଟିଛନ୍ତି !



ନୈତିକ ମୂଲ୍ୟବୋଧ ହ୍ରାସ

ଶିକ୍ଷାଲାଭ ଓ ଜ୍ଞାନ ଅର୍ଜନ ଭିତରେ ଅନେକ ତଫାତ୍ । ବିଡ଼ମ୍ବନାର କଥା ଆଜିକାଲିର ଛାତ୍ରବର୍ଗ ଛତୁ ଉଠିଲା ପରି ସରକାରୀ, ବେସରକାରୀ, ଗ୍ରାଣ୍ଟ-ଇନ୍-ଏଡ୍ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଲାଭ ତ କରୁଛନ୍ତି, କିନ୍ତୁ ତା' ଦ୍ୱାରା ନା ମାର୍ଜିତ ନା କର୍ତ୍ତବ୍ୟ ସଚେତନ ହେଉଛନ୍ତି! ଓଲଟା ସେମାନେ ସଂସ୍କାରବିଚ୍ୟୁତ ହୋଇପଡ଼ିଥିବା ପରିଲକ୍ଷିତ କରାଯାଉଛି । ଏଥିପାଇଁ ଅଭିଭାବକଙ୍କ ସହିତ ଶିକ୍ଷକମାନଙ୍କ ଭୂମିକାକୁ ଅଣଦେଖା କରାଯାଇ ପାରିବ ନାହିଁ । ସ୍କୁଲର ପାଠଚାପ, ଟିଉସନ୍‌ର ଶୃଙ୍ଖଳ ଭିତରେ ପିଲାଟିର ନୈତିକ ମୂଲ୍ୟବୋଧର ବିକାଶ ହୋଇପାରେନା । ବରଂ ତା ଭିତରର ଅନ୍ତର୍ନିହିତ ସୃଜନଶୀଳତା ପ୍ରଭାବିତ ହୁଏ । ବ୍ୟବସ୍ଥାନୁଯାୟୀ ମନକୁ ମାରି ଶିକ୍ଷାଲାଭ କରୁଥିବା ପିଲାମାନେ ବହିପାଠ ଭିତରେ ସୀମିତ ରହିଯାଆନ୍ତି । ଫଳରେ ନା ସଂପର୍କୀୟ ବା ସହକର୍ମୀଙ୍କ ଭିତରେ ସୁସଂପର୍କ ସ୍ଥାପନ କରିପାରନ୍ତି ନା ଦେଶର ହିତ ପାଇଁ ଉତ୍ତମ ନାଗରିକ ପ୍ରମାଣିତ ହୁଅନ୍ତି । ଏଥିପାଇଁ ମୂଳରୁ ଅଭିଭାବକ ଓ ଶିକ୍ଷକମାନେ ଦାୟୀ । ଘରେ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆବଶ୍ୟକୀୟ ଅନୁଶାସନ ରହିବା ଜରୁରି ।

ନିଶା କବଳରେ ଯୁବପିଢ଼ି

ଆଜିକାଲି ପାଶ୍ଚାତ୍ୟ ଜୀବନଶୈଳୀ ଦ୍ୱାରା ଯୁବପିଢ଼ି ଅଧିକ ପ୍ରଭାବିତ। ସ୍କୁଲରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପିଲାମାନେ ବିଭିନ୍ନ ପ୍ରକାରର ମାଦକଦ୍ରବ୍ୟ ଦ୍ୱାରା ଆକ୍ରାନ୍ତ। ନିଶାସେବନକୁ ଟ୍ରେଣ୍ଡ ହିସାବରେ ଗ୍ରହଣ କରାଯାଉଛି। ଖୁସି ମନାଇବାଠାରୁ ଆରମ୍ଭ କରି ଶୋକାକୁଳ ପରିବେଶ ପର୍ଯ୍ୟନ୍ତ ସବୁଠି ନିଶାଦ୍ରବ୍ୟର ମାତ୍ରାଧିକ ବ୍ୟବହାର, ସାମିଲ ହେଉଛନ୍ତି ଆବାଳବୃଦ୍ଧବନିତା। ଯାହା ନିନ୍ଦନୀୟ ହେଲେ ବି କୌଣସି ପ୍ରଶାସନିକ ଅଙ୍କୁଶ ନଥିବାରୁ ସେସବୁ ଯୁବବର୍ଗଙ୍କ ଦୈନନ୍ଦିନ ଆବଶ୍ୟକତା ପାଲଟିଛି! ସମାଜକୁ ବେଖାତିର୍ କରି ସ୍ପଷ୍ଟ ଦିବାଲୋକରେ ସେମାନେ ନିଶାସେବନ କରୁଛନ୍ତି! ଫଳରେ ମାନସିକ ଓ ଶାରୀରିକ ଦୁରାରୋଗରେ ପୀଡ଼ିତ ହେଉଛନ୍ତି।

ବିଡ଼ି, ସିଗାରେଟ୍, ଗୁଟ୍‌ଖା, ଅଫିମ୍, ମଦ, ଗଞ୍ଜେଇ, ଡ୍ରଗ୍ସ ସେବନ କରି ମାରାତ୍ମକ ବ୍ୟାଧିରେ ସଂକ୍ରମିତ ହେଉଛନ୍ତି କୋମଳମତି ଯୁବପିଢ଼ି! ଦୋକାନରେ ସେସବୁ ଅତି ସହଜରେ ଉପଲବ୍ଧ ହେଉଥିବାରୁ ଓ ନିଶାଦ୍ରବ୍ୟ ବିକ୍ରି ଉପରେ ଆଖିଦୃଶିଆ ପ୍ରତିବନ୍ଧକ ନଥିବାରୁ ସେସବୁ ଖୁଲମ୍‌ଖୋଲା ବିକ୍ରି ହେଉଛି। ଫଳରେ ପ୍ରତିକ୍ରିୟାଶୀଳତା ବୃଦ୍ଧିହେତୁକ ଧୈର୍ଯ୍ୟଚ୍ୟୁତି ଘଟୁଥିବାରୁ ଆତ୍ମହତ୍ୟାପ୍ରବଣତା ବୃଦ୍ଧି ପାଉଛି। ଅଶାଳୀନ ବ୍ୟବହାର ଓ ଅସାମାଜିକ ପ୍ରବୃତ୍ତି ପାଇଁ ସେମାନେ ଅଚିରେ ମଣିଷରୁ ଦାନବରେ ରୂପାନ୍ତରିତ ହୋଇ ବିଭିନ୍ନ ମାନସିକ ରୋଗରେ ପୀଡ଼ିତ ହେଉଛନ୍ତି।

ବ୍ୟବସାୟୀମାନେ ଯୁବପିଢ଼ିକୁ ନିଶାଗ୍ରସ୍ତ କରାଇ ସେମାନଙ୍କୁ ବ୍ୟବସାୟିକ ଲାଭ ଉଦ୍ଦେଶ୍ୟରେ ନିୟୋଜିତ କରୁଛନ୍ତି। ଏପରିକି ଚୋରାରେ ବିକ୍ରି କରି ଫାଇଦା ନେବାକୁ ପ୍ରବର୍ତ୍ତାଇ ପରୋକ୍ଷରେ ଯୁବ ସମାଜକୁ ରୁଗ୍‌ଣ କରିଦେଉଛନ୍ତି। କୋମଳମତି ପିଲାମାନେ ନିଶାଗ୍ରସ୍ତ ହୋଇ ଯେକୌଣସି କାଣ୍ଡ ଘଟାଇବା ଆଜିକାଲି ଦୈନନ୍ଦିନ ଘଟଣା। ନିଶା ଯୋଗୁଁ ହତ୍ୟା, ଦୁଷ୍କର୍ମ, ଗଣଦୁଷ୍କର୍ମ ବୃଦ୍ଧି ପାଉଥିବାବେଳେ କୋର୍ଟରେ ହଜାର ହଜାର କେଶ୍ ଫଇସଲା ନହୋଇ ପଡ଼ିରହିଛି! ଯେଉଁ ବୟସରେ ପିଲାମାନେ ଦେଶ ଗଠନ କରିବା କଥା ସେ ବୟସରେ ସେମାନେ ଅବାଟରେ ପଶି ଜୀବନକୁ ବିପନ୍ନ କରୁଛନ୍ତି! ଯେଉଁଠି ନବଜାତକର ଏକୋଇଶିଆ, ଜନ୍ମଦିନ ପାଳନ କିମ୍ବା ବିବାହ ଭୋଜି ମଦ ବିନା ଅସମ୍ଭବ, ଆତ୍ମୀୟସ୍ୱଜନଙ୍କ ମୃତ୍ୟୁରେ ଆସିଥିବା ବନ୍ଧୁ ପରିଜନ ବିନା ମଦରେ ଶୁଦ୍ଧିକାର୍ଯ୍ୟ କରନ୍ତି ନାହିଁ, ସେଭଳି ରୁଗ୍‌ଣ ସମାଜରୁ ଯୁବପିଢ଼ି କ'ଣ ଶିଖିବେ?

ଯେଉଁ ଅସ୍ୱାସ୍ଥ୍ୟକର ପରିବେଶର ସେମାନେ ଅଂଶବିଶେଷ ସେଭଳି ପରିବେଶରେ ବୁଡ଼ି ଗଲା ଲୋକ ତଳକୁ ତଳକୁ ବୋଲି ହୃଦ୍‌ବୋଧ ହେଲାଣି! ଯଦି ଛୋଟପିଲାଟିଏ ପରିବାରର କୌଣସି ଗୁରୁଜନଙ୍କୁ ନିଶାସେବନ କରୁଥିବାର ଦେଖେ ତେବେ ସେ ତାହା ହିଁ ଶିଖିବ। ଏହାକୁ ସାମାନ୍ୟ କଥା ବୋଲି ଭାବୁଥିବା ଲୋକେ ପାଶ୍ଚାତ୍ୟ ଜୀବନଶୈଳୀର ଡିଣ୍ଡିମ ପିଟନ୍ତି ସିନା ନିଜ ମୌଳିକ ଚିନ୍ତାଧାରାକୁ ବନ୍ଧା ପକେଇଦେଇଥାନ୍ତି ବିଦେଶୀ ମାନସିକତା ଆଗରେ। ପ୍ରଥମେ ନିଜକୁ ମାର୍ଜିତ କଲେ ପିଲାକୁ ଶିକ୍ଷା ଦେଇହେବ। ନିଜେ କାଦୁଅରେ ଲଟପଟ ହୋଇ ପିଲାକୁ ସୁଧାରିବା ବୁମେରାଂ ପରି। ଏକ ପରିସଂଖ୍ୟାନରୁ ଜଣାଯାଏ ଯେ, ପ୍ରାୟ ପଞ୍ଚାନବେ ପ୍ରତିଶତ ହତ୍ୟାକାଣ୍ଡ, ଦୁର୍ଘଟଣା, ଗଣଦୁଷ୍କର୍ମ ଆଦି କୁକର୍ମ ନିଶାଗ୍ରସ୍ତ ଲୋକମାନଙ୍କ ବିକୃତ ମାନସିକତାର ପ୍ରତିଫଳନ। ସେଥିପାଇଁ ନିଶାଦ୍ରବ୍ୟ ବିକ୍ରି ଉପରେ ଅଙ୍କୁଶ ଲାଗିବା ସହିତ ଆବଶ୍ୟକ ସ୍ଥଳେ ସେଗୁଡ଼ିକୁ ବ୍ୟାନ୍ କରାଯାଉ। ନିଶା ବ୍ୟବସାୟୀ ଯୁବପିଢ଼ିକୁ ମାଦକ ଦ୍ରବ୍ୟ ଯୋଗାଉଥିଲେ ତତ୍‌କ୍ଷଣାତ୍ ତାକୁ କଠିନ ଦଣ୍ଡରେ ଦଣ୍ଡିତ କରାଯାଉ। ଉଦାହରଣୀୟ ଦଣ୍ଡବିଧାନ ସମସ୍ୟାକୁ ହ୍ରାସ କରିପାରେ।

ସାମାଜିକ ଗଣମାଧ୍ୟମର କୁପ୍ରଭାବ

ଦୁରାବ୍ୟାଧିର ଅନ୍ୟନାମ ସାମାଜିକ ଗଣମାଧ୍ୟମ- ସାମାଜିକ ଗଣମାଧ୍ୟମ ବର୍ତ୍ତମାନ ଏକ ଦୁରାରୋଗରେ ପରିଣତ ହୋଇଛି। ଛୋଟ ଛୋଟ କୋମଳମତି ପିଲାମାନଙ୍କ ପାଖରେ ସ୍ମାର୍ଟଫୋନ୍! ହାତରେ ବହିଖାତା ଥାଉ କି ନଥାଉ ମୋବାଇଲ୍‌ଟିଏ ରହିବା ମାମୁଲି କଥା! ଆଗେ ଖରାଛୁଟି ବା ଦଶହରା ଛୁଟିରେ ପିଲାମାନେ ମାମୁଁଘର କିମ୍ବା ବନ୍ଧୁବାନ୍ଧବମାନଙ୍କ ଘରେ ଛୁଟି କଟାଉଥିଲେ। ଫଳରେ ସଂପର୍କରେ ମଧୁରତା ମହଜୁଦ୍ ଥିଲା। ଆପୋଷ ବୁଝାମଣାରେ ବଡ଼ବଡ଼ ସମସ୍ୟାମାନ ଟଳିଯାଉଥିଲା। ସାମାଜିକ ସଦ୍ଭାବ ବଜାୟ ରହିବା ସହିତ ସମ୍ବନ୍ଧ ଚିରସ୍ଥାୟୀ ଥିଲା। ବିଭିନ୍ନ ପ୍ରକାରର ଖେଳକୁଦ, ଗପଶୁଣା ଭିତରେ ସମୟ କେତେବେଳେ ଚାଲିଯାଉଥିଲା ଜଣା ପଡୁନଥିଲା। ଲୁଡୁପାଲି, ତାସ୍, ଚେସ୍, କ୍ୟାରମ୍ ଆଦି ଘରୋଇ ଖେଳ ସହିତ ଘର ବାହାରେ ବାଗୁଡ଼ି, ନୁଣ୍ଡୁପଟି, ବୋହୂଚୋରି, କ୍ରିକେଟ୍, ଡାବରପୁଆ ଆଦି ଗାଁ ଗଣ୍ଡାରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା। ଯାହା ଦ୍ୱାରା ଶାରୀରିକ ବ୍ୟାୟାମ ସହିତ ମନ ଫୁର୍ତ୍ତି ରହୁଥିଲା। ସ୍କୁଲ୍ ଛୁଟି ପରେ ପିଲାମାନେ ପଡ଼ିଆରେ ଏକତ୍ରିତ ହୋଇ ବିଭିନ୍ନ ଖେଳ ଓ ବୟସ୍କମାନେ ବାରଣ୍ଡାରେ ବସି ତାସ୍ ଖେଳ ବା ଗପସପ ଦ୍ୱାରା ମନୋରଞ୍ଜନ କରୁଥିଲେ। ନିଜ ଅଞ୍ଚଳ ଓ ବନ୍ଧୁବାନ୍ଧବଙ୍କ ସହିତ ସୁସଂପର୍କ ଅବ୍ୟାହତ ରହୁଥିଲା। ଗାଁଗଣ୍ଡାର ସୁରକ୍ଷା ପାଇଁ ସଚେତନ ଥିଲେ ସମସ୍ତେ। କାରଣ ଅବକାଶ ସମୟରେ ଜଣେ ଅନ୍ୟଜଣକର ସୁଖ ସୁବିଧା ପଚାରି ବୁଝୁଥିଲେ। ଆଜିକାଲି ମୋବାଇଲ୍ ଭିତରେ ସମୟ ଅତିକ୍ରାନ୍ତ। ସମସ୍ତେ ଏକାକୀପଣ ଭିତରେ ସୀମିତ ରହିଯାଇଛନ୍ତି! ଆତ୍ମସର୍ବସ୍ୱ ଦୁନିଆର ଅନ୍ଧାଧୁନିଆ ଦୌଡ଼ରେ ସମସ୍ତେ ଏତେ ପରିମାଣରେ ଆକ୍ରାନ୍ତ ଯେ ପଡ଼ୋଶୀର ସମସ୍ୟା ଛାଡ଼ନ୍ତୁ ନିଜ ଘରର ସମସ୍ୟା ସମାଧାନ କରିହେଉନି। ବନ୍ଧୁର ଭୂମିକା ନେଇ ଯାଇଛି ମୋବାଇଲ୍।

ଆତ୍ମହତ୍ୟା ପ୍ରବଣତା ବୃଦ୍ଧି

ସେଥିରେ ଉପଲବ୍ଧ ଥିବା ବିଭିନ୍ନ ଖେଳ, ଅଶ୍ଳୀଳ ଫିଲ୍ମ, ରିଲ୍ସ ନିଶାରେ ପାଗଳ ସମସ୍ତେ। ସାମାଜିକ ଗଣମାଧ୍ୟମ ଦ୍ୱାରା କବଳିତ ପିଲାମାନେ ବିଭିନ୍ନ ପ୍ରକାରର କୁକର୍ମରେ ଜଡ଼ିତ ହୋଇ ଅନ୍‌ଲାଇନ୍‌ରେ ଠକାମିର ଶିକାର ହେଉଛନ୍ତି। ଯାହାଫଳରେ ପରିବାରଟିଏ ସର୍ବସ୍ୱାନ୍ତ ହେଉଛି। ମାନସିକ ଅବସାଦ ହେତୁ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି, ଯାହା ପରିତାପର ବିଷୟ। ମୋବାଇଲ୍ ପିଲାମାନଙ୍କୁ ଯାନ୍ତ୍ରିକ ବନାଇଛି। ପାଠ ବିନା ପିଲାଟିଏ ସ୍ୱାଭାବିକ ଥାଇପାରେ, କିନ୍ତୁ ମୋବାଇଲ୍ ବିନା ସେ ସ୍ୱାଭାବିକ ନୁହେଁ। ପ୍ରତ୍ୟେକ ଜିନିଷର ଗୋଟେ ସୀମା ଥାଏ। ଅବଶ୍ୟ ସାମାଜିକ ଗଣମାଧ୍ୟମର ବହୁ ଉପକାରିତା ରହିଛି। କିନ୍ତୁ ତାର ଅପକାରିତା ସଂପର୍କରେ ଯୁବପିଢ଼ିଙ୍କ ସହିତ ଅଭିଭାବକମାନେ ସଚେତନ ରହିବା ଜରୁରି। ନିରାପତ୍ତା ଦୃଷ୍ଟିରୁ ପିଲାମାନଙ୍କୁ ମୋବାଇଲ୍ ଦେବା ଆବଶ୍ୟକ କିନ୍ତୁ ପିଲା ମୋବାଇଲ୍‌ର ଦୁରୁପଯୋଗ କରୁଛି କି ନା ତାହା ଦେଖିବା ଦାୟିତ୍ୱ ଅଭିଭାବକଙ୍କର। ବେଶି ସମୟ ମୋବାଇଲ୍ ଦେଖିଲେ ଦୃଷ୍ଟିଶକ୍ତି ଖରାପ ହେବାର ଆଶଙ୍କା ଥାଏ। ସେଥିପାଇଁ ନୀତିନିୟମ ପ୍ରଣୟନ ହେବା ଜରୁରି। ଶ୍ରେଣୀକକ୍ଷକୁ ମୋବାଇଲ୍ ଧରି ଆସିବାକୁ ବାରଣ କରାଯିବା ଉଚିତ୍। ଆବଶ୍ୟକସ୍ଥଳେ ଶିକ୍ଷାନୁଷ୍ଠାନର ଅଫିସ୍‌ରେ ଏହାକୁ ଜିମା ଦିଆଯାଇପାରେ। ଶିକ୍ଷାନୁଷ୍ଠାନର ନିର୍ଦ୍ଦିଷ୍ଟ ବିଭାଗ ସେ ଦାୟିତ୍ୱ ତୁଲାଇଲେ ଯୁବବର୍ଗଙ୍କ ଦ୍ୱାରା ମୋବାଇଲ୍‌ର ବହୁଳ ବ୍ୟବହାର ରୋକି ହୁଅନ୍ତା। ରିଲ୍ସ ବନାଇ କମ୍ ସମୟ ଭିତରେ ଲୋକପ୍ରିୟତା ହାସଲ କରି ଅର୍ଥ ରୋଜଗାର କରିବା ନିଶା ନହୋଇ ନିଜ ଚରିତ୍ର ଗଠନ କରିବା ସହିତ ଭବିଷ୍ୟତ ନିର୍ମାଣ କରିବା ସେମାନଙ୍କ ଲକ୍ଷ୍ୟ ହେବା ଦରକାର।

ଶୈକ୍ଷିକ ପରିବେଶର ସୁସ୍ଥତା ବଜାୟ ରଖିବାକୁ ପ୍ରଶାସନ ହାତରେ କିଛି ଅଧିକାର ରହୁ। ପିଲାମାନଙ୍କ ଗତିବିଧି ସଂପର୍କରେ ଅଭିଭାବକମାନଙ୍କୁ ଅବଗତ କରାଯାଉ। ପ୍ରତିମାସରେ ଅଭିଭାବକମାନଙ୍କ ସହିତ ସାକ୍ଷାତ ଆଲୋଚନା କରାଗଲେ ପିଲାଙ୍କ ଭିତରେ ସଙ୍କୋଚବୋଧ ରହିବ। ସେମାନଙ୍କ ବିଶୃଙ୍ଖଳାକୁ ରୋକିବା ପ୍ରଥମେ ଅଭିଭାବକଙ୍କ କର୍ତ୍ତବ୍ୟ, ପରେ ଶିକ୍ଷକମାନଙ୍କର। ତେବେ ଆଜିକା ସମାଜରେ ଶିକ୍ଷକମାନେ ରୋଷର ଶରବ୍ୟ ହେଉଥିବାରୁ ଛାତ୍ରମାନଙ୍କ ସହିତ ସୁସଂପର୍କ ସ୍ଥାପିତ ହୋଇପାରୁ ନାହିଁ। ଦ୍ୱିତୀୟରେ କିଛି ଶିକ୍ଷକ ପ୍ରକୃତ ଶିକ୍ଷକର ପଦବାଚ୍ୟ ନୁହନ୍ତି। ପିଲାମାନଙ୍କୁ ସଦ୍‌ମାର୍ଗରେ ପରିଚାଳିତ କରି ସୁନ୍ଦର ଭବିଷ୍ୟତ ନିର୍ମାଣ ଦିଗରେ ଉତ୍ସାହିତ କରିବା ଶିକ୍ଷକର ଯେତିକି କର୍ତ୍ତବ୍ୟ, ପିଲାର ବି ସୁସଂପର୍କ ସ୍ଥାପନ କରି ଉନ୍ନତିର ଶିଖର ଛୁଇଁବା ସେତିକି ଆବଶ୍ୟକ।



ଅଭିଭାବକମାନେ ବି ପିଲାର ଚରିତ୍ର ଗଠନ ଦିଗରେ ଧ୍ୟାନ ଦେବା ଜରୁରି। ଭଲ ଛାତ୍ରଟିଏ ହିଁ ଦେଶର ଅଗ୍ରଗତିରେ ସହାୟକ ହେବ। ଜାପାନ୍, ଚୀନ୍, ଇଂଲଣ୍ଡ, ଆମେରିକାର ଅଗ୍ରଗତିରେ ତାଙ୍କ ଛାତ୍ରମାନଙ୍କ ଭୂମିକା ସର୍ବାଧିକ। ଆମ ଦେଶର ଜନସଂଖ୍ୟାନୁସାରେ ଛାତ୍ରମାନଙ୍କ ଭିତରେ ଦୂରଦର୍ଶିତାର ଅଭାବ। ସେମାନଙ୍କ ପାରଦର୍ଶିତାର ସୁବିନିଯୋଗ ହୋଇପାରୁନଥିବାରୁ ଦେଶରେ ଅରାଜକତା ଅଧିକ। ଏଥିପାଇଁ କଟକଣା ରହିବା ସହିତ ବିଧିବ୍ୟବସ୍ଥାର ପରିବର୍ତ୍ତନ ଜରୁରି। ସର୍ବୋପରି ଯୁବପିଢ଼ି ସମ୍ବେଦନଶୀଳ ହୋଇ ପ୍ରଥମେ ମଣିଷ ରୂପେ ନିଜକୁ ଗଢ଼ି ତୋଳିବାକୁ ବଦ୍ଧପରିକର ହେବା ଆବଶ୍ୟକ। ଆତ୍ମିକ, ନୈତିକ, ବୌଦ୍ଧିକ, ସାମାଜିକ ଓ ଆଧ୍ୟାତ୍ମିକ ବିକାଶ ଜୀବନର ଲକ୍ଷ୍ୟ ହେବା ଜରୁରି।

ସର୍ବୋପରି ପିଲାମାନେ ଆମ ଭବିଷ୍ୟତ। ଭାରତ ପରି ମର୍ଯ୍ୟାଦାସଂପନ୍ନ ଦେଶରେ ଅତ୍ୟାଧୁନିକତା ନାମରେ ପିଲାମାନେ ପାଶ୍ଚାତ୍ୟଭିମୁଖୀ ସଭ୍ୟତା ଆପଣେଇ ନିଜ ମୌଳିକତାକୁ ଭୁଲି ନଯାଆନ୍ତୁ। ବିଦ୍ୟାଳୟ ସ୍ତରୀୟ ପାଠ୍ୟକ୍ରମରେ ଭାଗବତ, ଗୀତାର କିଛି ଅଧ୍ୟାୟ ରହୁ। ପିଲାମାନେ ଆମ ପୁରାଣ, ଇତିହାସର ପୂର୍ବସୂରୀମାନଙ୍କ ଗାଥା ପଢ଼ନ୍ତୁ, ଶୁଣନ୍ତୁ। ଫଳରେ ଆମ ଦେଶର ଐତିହ୍ୟ ଓ ପରମ୍ପରାକୁ ବୁଝିପାରିବେ। ନଚେତ୍ ପିଲାମାନେ ଚିତ୍ର ମାଧ୍ୟମରେ ଆମ ସଂସ୍କୃତିକୁ ଅନୁମାନ କରିବେ। ଶିକ୍ଷାଲାଭ ଆର୍ଥିକ ଅଭିବୃଦ୍ଧି ସହିତ ଆତ୍ମିକ, ନୈତିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ସମୃଦ୍ଧିର କାରକ ହେଉ। ଅନ୍ୟଥା କେବଳ ବହିପାଠ ପଢ଼ି ଚାକିରି କ୍ଷେତ୍ରରେ ପିଲାମାନେ ସୀମିତ ରହିଯିବେ। ଆମ ବିଶାଳ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଉପରେ ଧୂଳି ଆସ୍ତରଣ ଜମିଯିବ। ତା' ପୂର୍ବରୁ ଯୁବବର୍ଗଙ୍କୁ ସଚେତନ କରିବାକୁ ହେବ। ■

ଜଗତସିଂହପୁର, ମୋ: ୯୪୩୭୩୧୭୦୨୬

ପ୍ରଫେସର ଡା. ଅମିୃତ ପାଟଯୋଷୀ

ପଥଭ୍ରଷ୍ଟ ଯୁବପିଢ଼ି

ଦିନେ ସକାଳେ ପ୍ରାତଃ ଭ୍ରମଣରେ ଦେଖିଲି ଜଣେ ଯୁବକ ହାତରେ ମଦ କାଚ ଧରି ରାସ୍ତାରେ ପଡ଼ିଛି । ମୋ' ମନରେ ପ୍ରଶ୍ନ ଆସିଲା ଯେ, ଏହି ଯୁବକ ଏମିତି ପରିସ୍ଥିତିକୁ ଆସିଲା କେମିତି? ଏହି ଯୁବକଟି ଛୋଟବେଳେ ଅନ୍ୟମାନଙ୍କ ପରି ହସୁଥିବ, ଖେଳୁଥିବ ଏବଂ ଅନ୍ୟମାନଙ୍କ ପରି ସ୍ୱପ୍ନ ମଧ୍ୟ ଦେଖୁଥିବ । ତେବେ ସେ କେମିତି ଏପରି ଅବସ୍ଥାରେ ଆସି ପହଞ୍ଚିଲା ? ଏହା ଜଣେ ଯୁବକର ପିରସ୍ଥିତି ନୁହେଁ; ବରଂ ଆମ ଦେଶରେ ବର୍ତ୍ତମାନ ହଜାର ହଜାର ଯୁବକ-ଯୁବତୀଙ୍କୁ ଏଭଳି ପରିସ୍ଥିତିରେ ଦେଖିବାକୁ ମିଳୁଛି ।

ଚିନ୍ତାଧାରାରେ ପରିବର୍ତ୍ତନ ଆବଶ୍ୟକ

ଯୁବପିଢ଼ି ନିଶାସକ୍ତ ହେବାର ହେବାର କାରଣ ଖୋଜିବାକୁ ଗଲେ, ଆମେ ଜାଣି ପାରିବା କେମିତି ଆଜିର ପ୍ରଗତିଶୀଳ ଜୀବନ ଆମ ଯୁବପିଢ଼ିକୁ ପଥଭ୍ରଷ୍ଟ କରିସାରିଲାଣି । ଆଜିର ସମାଜରେ ଅଧିକାଂଶ ମା'ବାପା ଦୁଇଜଣ ଯାକ କାର୍ଯ୍ୟରତ, ଯାହାଦ୍ୱାରା ପିଲାଙ୍କ ପାଇଁ ସମୟ ଦେବା ସେମାନଙ୍କ ପାଇଁ ସମ୍ଭବପର ହୋଇପାରୁନାହିଁ । ପିଲାମାନେ ମଧ୍ୟ ତାଙ୍କ ମନ କଥା ପ୍ରକାଶ କରୁନାହାନ୍ତି । କୌଣସି କାରଣ ଯୋଗୁଁ ମନଦୁଃଖରେ ଥିଲେ ତାକୁ ସହଜରେ ପ୍ରକାଶ ନ କରି ନିଜ ମନ ଭିତରେ ରଖୁଛନ୍ତି । ସୋସିଆଲ୍ ମିଡିଆରେ ଯେଉଁ ସବୁ ଆକର୍ଷଣୀୟ ଜୀବନର ଚିତ୍ର ଦେଖୁଛନ୍ତି, ତା' ପ୍ରତି ଆକୃଷ୍ଟ ହୋଇ ତାକୁ ହିଁ ଜୀବନର ବାସ୍ତବତା ବୋଲି ଭାବୁଛନ୍ତି । ତା' ସହିତ ଖାପ ଖାଇ ନ ଚାଲି ପାରିଲେ ନିଜେ ଆତ୍ମଗ୍ଲାନିରେ ରହୁଛନ୍ତି । ଶିକ୍ଷା, ଚାକିରି ଓ ସଫଳତା ପାଇଁ ଯୁବକମାନେ ଅତ୍ୟଧିକ ଆଶା ଓ ଚାପ ଭିତରେ ରହୁଛନ୍ତି । ସଫଳତାର ଅତ୍ୟଧିକ ଚାପରେ ବିଫଳତା ଭୁଲ ଦିଗ ଆଡ଼କୁ ଅଗ୍ରସର ହେଉଛନ୍ତି । ନିଶା ଦ୍ରବ୍ୟ ସେବନ ଓ ଡିଜିଟାଲ୍ କାର୍ଯ୍ୟକଳାପ ତାଙ୍କୁ ବାସ୍ତବ ଜୀବନଠାରୁ ଦୂର କରିଦେଉଛି ।

ମୁଖ୍ୟସ୍ରୋତରେ ସାମିଲ କରାଯିବା ଉଚିତ

ପଥଭ୍ରଷ୍ଟ ଯୁବକମାନେ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଇପାରିବେ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତା । ତା' ପାଇଁ ଆମ ସମସ୍ତଙ୍କୁ ଉଚିତ ପଦକ୍ଷେପ ନେବାକୁ ପଡ଼ିବ । ଆଉ ଏହି ସବୁ ପାଇଁ ପ୍ରଥମେ ଆମ ସମସ୍ତଙ୍କୁ ଯୁବପିଢ଼ିର ମାନସିକ ସ୍ଥିତିକୁ ବୁଝିବାକୁ ପଡ଼ିବ । ଯେଉଁମାନେ ଭୁଲ ଦିଗକୁ ଚାଲିଯାଇଛନ୍ତି, ସେମାନେ ଏହି ପରିସ୍ଥିତିର ଶିକାର; ତେଣୁ ସେମାନଙ୍କୁ ଅବହେଳା କରିବା ପୂର୍ବରୁ ସମାଜ ଏବଂ ପରିବାର ଲୋକଙ୍କ ଦାୟିତ୍ୱ ହେଉଛି- ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା । ଏହା ପାଇଁ ମାନସିକ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ, ପାରିବାରିକ ସମର୍ଥନ ଏବଂ ସ୍କୁଲ-କଲେଜରେ ନିୟମିତ ପରାମର୍ଶ ଅଧିବେଶନ ବ୍ୟବସ୍ଥା ଅତ୍ୟନ୍ତ ଆବଶ୍ୟକ । ଯୁବକମାନେ ଯଦି ମାଦକ ଦ୍ରବ୍ୟ ସେବନ, ଅପରାଧ ବା ଅନ୍ୟ ଭୁଲ କାର୍ଯ୍ୟରେ ଜଡ଼ିତ ଥିବେ, ତେବେ ସେମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଓ ଦୟାଳୁ ପୁନର୍ବାସ ପଦ୍ଧତି ରହିବା ଦରକାର ।

ସେମାନେ କୌଶଳ ଶିଖି ନୂଆ ଆମଦାନି ଅବସର ସୃଷ୍ଟି କରିପାରିବେ, ଯାହା ତାଙ୍କୁ ଆତ୍ମନିର୍ଭର ଓ ଦିଗଦର୍ଶନ ଦେଇପାରିବ । ଧନ୍ଦାମୂଳକ ଶିକ୍ଷା, ସେବା କାମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ସମାଜର ନୂଆ ଶକ୍ତି ଭାବରେ ଉଭୟ ଆତ୍ମବିଶ୍ୱାସ ଓ ଦାୟିତ୍ୱବୋଧକୁ ଅନୁଭବ କରିପାରିବେ । ଏହିପରି ପଦକ୍ଷେପ ସେତେବେଳେ ଲାଭକାରୀ ହୁଏ, ଯେତେବେଳେ ସମାଜ ସେମାନଙ୍କ ପାଇଁ ଦୟା, ସମ୍ବେଦଶୀଳ ଓ ସମ୍ମାନର ମନୋଭାବ ରଖେ । ଯୁବକମାନେ ଏହା ଅନୁଭବ କଲେ ତାଙ୍କର ମାନସିକସ୍ଥିତି ଧୀରେ ଧୀରେ ସ୍ଥିର ହୁଏ । ସେମାନେ ପୁନଃ ଏକ ସୁସ୍ଥ, ଗୌରବମୟ ଜୀବନରେ ପ୍ରବେଶ କରିପାରନ୍ତି ।

ଆଜିର ପଥଭ୍ରଷ୍ଟ ଯୁବପିଢ଼ି
ଆଗାମୀକାଲିର ନାୟକ

ଯୁବକମାନେ ଭୁଲ ଦିଗକୁ ଯିବା ସାଧାରଣ କଥା । ତେବେ ସମାଜ ଯଦି ସେମାନଙ୍କୁ ସହଯୋଗର ହାତ ବଢ଼ାଏ, ମାନସିକ ଓ ବୃତ୍ତିମୂଳକ ଭାବେ ସାହାଯ୍ୟ କରେ, ତେବେ ଆଜିର ପଥଭ୍ରଷ୍ଟ ଯୁବ, ଆଗାମୀକାଲି ନାୟକ ହୋଇପାରିବେ । ବିପଥଗାମୀ ଯୁବପିଢ଼ିଙ୍କୁ ସଦ୍‌ମାର୍ଗରେ ପରିଚାଳିତ କରିବା ପାଇଁ ଅଭିଭାବକ ଓ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯୁବପିଢ଼ି ହେଉଛନ୍ତି ପରିବାର ଓ ଦେଶର ଭବିଷ୍ୟତ । ସେମାନେ ଯଦି ଭୁଲ ଦିଗକୁ ଯାଉଛନ୍ତି, ତେବେ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ପ୍ରଥମ ଦାୟିତ୍ୱ ହେଉଛି ଅଭିଭାବକ ଓ ଶିକ୍ଷକମାନଙ୍କ ଉପରେ । ଏହି ଦୁଇ ଶ୍ରେଣୀର ଲୋକେ ଯୁବକମାନଙ୍କ ଜୀବନର ପ୍ରଥମ ଗୁରୁ, ଦିଗ୍‌ଦର୍ଶକ ଓ ବିଶ୍ୱାସର ସ୍ତମ୍ଭ । ସେମାନେ ଯଦି ନିଜ ଭୂମିକା ସଠିକ୍ ଭାବେ ନିର୍ବାହ କରନ୍ତି, ତେବେ ଅନେକ ଯୁବକ ପଥଭ୍ରଷ୍ଟ ହେବାଠାରୁ ବଞ୍ଚିପାରିବେ । ଅଭିଭାବକଙ୍କ ଭୂମିକା ପ୍ରଥମେ ହେଉଛି ପିଲାଙ୍କୁ ସ୍ୱତନ୍ତ୍ର ମନୋଭାବ ପାଇଁ ଖୋଲା ଏବଂ ସୁରକ୍ଷିତ ପରିବେଶ ଦେବା । ପିଲା ଯଦି ଭୟ ଓ ଅଭିମାନ ଛାଡ଼ି ମା-ବାପାଙ୍କ ସହ ଖୋଲା ଭାବେ କଥା ହୋଇପାରିବେ, ତେବେ ତାଙ୍କର ଅନେକ ଅନ୍ତର୍ନିହିତ ସମସ୍ୟାର ସମାଧାନ ହୋଇପାରିବ । ସେମାନଙ୍କଠାରୁ ଅଧିକ ଆଶା କରି ଚାପ ଦେବା ବଦଳରେ, ସେମାନଙ୍କ ସାମର୍ଥ୍ୟ ଓ ଆଗ୍ରହ ଅନୁଯାୟୀ ପ୍ରେରଣା ଦିଆଯିବା ଉଚିତ । ଅଭିଭାବକ ଯଦି ପିଲାଙ୍କ ମତିଗତି, ମନୋଭାବ ବୁଝି ସ୍ନେହ ଓ ଶ୍ରଦ୍ଧା ପ୍ରକାଶ କରନ୍ତି, ତେବେ ସେ ପିଲା କେବେ ଭ୍ରମ ରାସ୍ତାକୁ ଯିବେନି ।

ଶିକ୍ଷକମାନେ ମଧ୍ୟ ଶିକ୍ଷା ପ୍ରଦାନ କରିବା ସହିତ ସ୍ୱାସ୍ଥ୍ୟପୂର୍ଣ୍ଣ ଚରିତ୍ର ଓ ମୂଲ୍ୟବୋଧ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ଶିକ୍ଷକମାନେ ତୃଣମୂଳସ୍ତରରେ ନିଜ ଛାତ୍ରଛାତ୍ରୀଙ୍କ ଭିତରେ ଆତ୍ମବିଶ୍ୱାସ, ଦୃଢ଼ ମନୋବଳ ଓ ନୈତିକ ଦୃଷ୍ଟିକୋଣ ବିକାଶ କରିପାରନ୍ତି । ଶିକ୍ଷାପ୍ରଣାଳୀ ମଧ୍ୟ ମାନସିକ ସ୍ୱାସ୍ଥ୍ୟ, ଜୀବନ କୌଶଳ ଓ ନେତୃତ୍ୱ ଶିକ୍ଷାକୁ ଅନିବାର୍ଯ୍ୟ କରିବା ଦ୍ୱାରା ଏହି ପ୍ରସଙ୍ଗରେ ଅଂଶ ନେଇପାରିବ ।

ଅବସାଦଗ୍ରସ୍ତ ଯୁବପିଢ଼ି

ଅଭିଭାବକ ଓ ଶିକ୍ଷକମାନେ ଯଦି ସେମାନଙ୍କର ଦୈନନ୍ଦିନ ଜୀବନରେ ଯୁବକମାନଙ୍କ ପ୍ରତି ସହାନୁଭୂତିଶୀଳ ଓ ସମ୍ବେଦନଶୀଳ ହେବେ ସେମାନେ ପଥଭ୍ରଷ୍ଟ ହେବେ ନାହିଁ; ବରଂ ସେମାନଙ୍କ ଭିତରେ ଆତ୍ମବିଶ୍ୱାସ, ମୂଲ୍ୟବୋଧ ବୃଦ୍ଧି ପାଇବ । ଅବସାଦ ଆଜିର ଯୁବପିଢ଼ି ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମନୋସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖାଯାଉଛି । ଯେତେବେଳେ ଏହି ଅବସ୍ଥାରେ ଥିବା ଯୁବକମାନେ ନିଜ ଭିତରେ ଅସହାୟତା, ଆଶାହୀନତା ଏବଂ ଜୀବନ ଉପରେ ଅତିରିକ୍ତ ଚାପ ଅନୁଭବ କରନ୍ତି, ସେତେବେଳେ ସେମାନଙ୍କ ଚିକିତ୍ସା କରିବା ଆବଶ୍ୟକ ହୁଏ । ଏହି ଚିକିତ୍ସା ପଦ୍ଧତିରେ ପ୍ରଥମ ଓ ସବୁଠାରୁ ମୁଖ୍ୟ ଅଂଶ ହେଉଛି ମନୋପରାମର୍ଶ । ଜଣେ ଯୁବକ କିମ୍ବା ଯୁବତୀ ନିଜର ଅନୁଭବ, ଯନ୍ତ୍ରଣା, ଭୟ, ଅନିଶ୍ଚିତତା ଓ ଦୁଃଖକୁ ଜଣେ ବୃତ୍ତିଗତ ମନୋଚିକିତ୍ସକ କିମ୍ବା କାଉନ୍‌ସେଲରଙ୍କ ସହ ଖୋଲା ଭାବେ ଆଲୋଚନା କରିପାରିବେ । ଏହି ମନୋପରାମର୍ଶ ମାଧ୍ୟମରେ ସେମାନେ ନିଜର ମାନସିକ ସମସ୍ୟାର ସମାଧାନ ପାଇଁ ମନୋବଳ ଗଠନ କରିପାରିବେ । ଦ୍ୱିତୀୟ ଚିକିତ୍ସା ପଦ୍ଧତି ହେଉଛି ଔଷଧୀୟ ଚିକିତ୍ସା । ମଧ୍ୟମ ଓ ଗୁରୁତର ଅବସାଦ ଅବସ୍ଥାରେ ଡାକ୍ତରଙ୍କ ନିର୍ଦ୍ଦେଶନାମାନୁସାରେ (SSRI, SNRI) ଦିଆଯାଇପାରେ, ଯାହା ମାନସିକ ରସାୟନର ସନ୍ତୁଳନ କରି ମନକୁ ଶାନ୍ତ କରେ, ଚିନ୍ତା ଓ ଦୁଃଖ ହ୍ରାସ କରେ ଓ ଆତ୍ମହତ୍ୟା ଚିନ୍ତାକୁ ଅଟକାଇପାରେ । ସେହିପରି ତୃତୀୟ ପଦ୍ଧତି ହେଉଛି ଜୀବନଶୈଳୀ ପରିବର୍ତ୍ତନ । ଯୁବକମାନେ ଯଦି ନିୟମିତ ଶୋଇବା, ସୁସ୍ଥ ଖାଦ୍ୟ ଅଭ୍ୟାସ ଓ ଶାରୀରିକ କ୍ରିୟାକଳାପ (ଅଭ୍ୟାସ, ଯୋଗ, ଧ୍ୟାନ) ଅନୁସରଣ କରନ୍ତି, ତେବେ ସେମାନଙ୍କ ମନୋସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ସୁଧାର ଆସିପାରିବ । ଚତୁର୍ଥ ପଦ୍ଧତି ହେଉଛି ସମର୍ଥନ ଦଳ ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖନ୍ତି । ଏଠି ଯୁବକମାନେ ତାଙ୍କ ପରି ଅନ୍ୟ ଲୋକଙ୍କ ସହ କଥାବାର୍ତ୍ତା କରି, ନିଜର ଯନ୍ତ୍ରଣାକୁ ସାଧାରଣ ମନେ କରନ୍ତି ଓ ଏକା ଅନୁଭବ କରିନଥାନ୍ତି । ସେହିପରି, ପ୍ରେରଣାଦାୟକ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜୀବନ ଅଭିଜ୍ଞତା ସହ ପରିଚୟ ମଧ୍ୟ ଉତ୍ସାହ ଓ ଆଶା ଦେଇପାରେ ।

ଶେଷରେ ଯଦି ଯୁବକମାନେ ଆତ୍ମହତ୍ୟା ଚିନ୍ତା ବା ଗୁରୁତର ଅବସାଦରେ ଅଛନ୍ତି, ତେବେ ସେମାନଙ୍କୁ ତୁରନ୍ତ ଏକ ମନୋଚିକିତ୍ସକ ପାଖକୁ ନେଇଯିବା ଓ ସୁରକ୍ଷିତ ପରିବେଶରେ ରଖିବା ଦ୍ୱାରା ଜୀବନ ରକ୍ଷା କରିହେବ ।

ଅବସାଦରେ ଥିବା ଯୁବକଯୁବତୀମାନଙ୍କୁ ତାଙ୍କର ଅନ୍ତର୍ନିହିତ ଯନ୍ତ୍ରଣା କମାଇବା ପାଇଁ ଶୁଣିବା, ବୁଝିବା ଓ ସହଯୋଗ କରିବା ଆବଶ୍ୟକ । ଏହା ସହିତ ସଠିକ୍ ଚିକିତ୍ସା, ପ୍ରେମ ଓ ସାହାଯ୍ୟ ସେମାନଙ୍କ ଜୀବନରେ ଆଉ ଥରେ ନୂଆ ଆଲୋକ ଦେଇପାରିବ । ଯୁବପିଢ଼ି ହେଉଛନ୍ତି ଦେଶର ଭବିଷ୍ୟତ । ତେଣୁ ସେମାନଙ୍କୁ ଭୁଲ ଦିଗରୁ ସଠିକ୍ ମାର୍ଗକୁ ଆଣିବା ଆମ ପ୍ରତ୍ୟେକଙ୍କ ଦାୟିତ୍ୱ । ■

ବରିଷ୍ଠ ମନସ୍ତତ୍ତ୍ୱବିତ୍, ଭୁବନେଶ୍ୱର

ଦାୟିତ୍ୱହୀନ ଯୁବଗୋଷ୍ଠୀ



ଶ୍ରୁତକୀର୍ତ୍ତି ତ୍ରିପାଠୀ

କୌଣସି ରାଷ୍ଟ୍ରର ବୟସ୍କଗୋଷ୍ଠୀ ତା'ର ପଥପ୍ରଦର୍ଶକ ହୋଇଥିବା ବେଳେ ଯୁବପିଢ଼ି ହୋଇଥାନ୍ତି ଆଗାମୀ ଭବିଷ୍ୟତର ସୂତ୍ରଧର । ସେ ଦେଶ ସେତେ ସମୃଦ୍ଧ ଏବଂ ସଶକ୍ତ, ଯାହାର ଯୁବଗୋଷ୍ଠୀ ଯେତେ କାର୍ଯ୍ୟକ୍ଷମ, ସମ୍ବେଦନଶୀଳ ଏବଂ ବିବେକବନ୍ତ । ବର୍ତ୍ତମାନ ସମୟରେ ଦେଶର ପ୍ରକୃତ କାର୍ଯ୍ୟକ୍ଷମ ଗୋଷ୍ଠୀ, ଯେଉଁମାନେ ଦେଶକୁ ଚଳେଇବାର ମଙ୍ଗ ନିଜ ହାତରେ ଧରିଛନ୍ତି ସେମାନେ ହେଲେ ଆମର ଯୁବପିଢ଼ି । ଆଜିର ଯୁବପିଢ଼ି ଅଗଣିତ ଅବସର ଏବଂ ସଂଘର୍ଷ ନେଇ ଏକ ଜଟିଳ ସମୟର ସାମ୍ନା କରୁଛନ୍ତି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସେମାନଙ୍କୁ ଜ୍ଞାନ, ମନୋରଞ୍ଜନ ଏବଂ ସାମାଜିକ ସମ୍ପର୍କ ସ୍ଥାପନର ଶିଖରରେ ପହଞ୍ଚେଇ ପାରିଛି । ଯଦିଓ ଏହି ପ୍ରଗତି ପଥରେ ବିକର୍ଷଣ ମଧ୍ୟ ରହିଛି, ଯାହା ସେମାନଙ୍କୁ ତାଙ୍କର ଲକ୍ଷ୍ୟ ଓ ମୂଳ ଉଦ୍ଦେଶ୍ୟଠାରୁ ଦୂରେଇ ନେଇଛି । ଯୁବପିଢ଼ିଙ୍କୁ ଲକ୍ଷ୍ୟଚ୍ୟୁତ କରିବା ସହ ପଥଭ୍ରଷ୍ଟ କରୁଥିବା କିଛି କାରକକୁ ନେଇ ଏହି ସ୍ୱତନ୍ତ୍ର ପ୍ରସ୍ତୁତି ।

ସାମାଜିକ ଗଣମାଧ୍ୟମର ପ୍ରଭାବ

ସାମାଜିକ ଗଣମାଧ୍ୟମ, ଅନଲାଇନ୍ ଗେମ୍, ଡେଟିଂ, ବେଟିଂ ଆପ୍, ଅଶ୍ଳୀଳ ଏବଂ ଉତ୍ତେଜକ ସଙ୍ଗୀତ, ନୃତ୍ୟ, ଦୃଶ୍ୟ ଯୁବପିଢ଼ିଙ୍କୁ ନିଜ ମାୟାବୀ ଜାଲରେ ଛନ୍ଦି ଚାଲିଛି । ଏହାକୁ ବ୍ୟବହାର କରୁଥିବା ଯୁବସମାଜ କ୍ଷଣିକ ସୁଖରେ ଚକିତ ହେଉଛନ୍ତି ସତ; ହେଲେ ସେମାନଙ୍କର ଭବିଷ୍ୟତ ଯେ, ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି, ସେ ବିଷୟରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ ! ଫେସବୁକ୍, ଇନଷ୍ଟାଗ୍ରାମ, ୟୁ ଟ୍ୟୁବ୍ ଭଳି ସାମାଜିକ ଗଣମାଧ୍ୟମକୁ ବର୍ତ୍ତମାନ ସମୟରେ ଯୁବକଯୁବତୀମାନେ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି । ଦିନର ସର୍ବାଧିକ ସମୟ ସେମାନେ ଏହି ସବୁ ଆପ୍ ବ୍ୟବହାର କରି ବିତାଉଛନ୍ତି । ଚିନ୍ତାର ବିଷୟ ହେଉଛି ଶିକ୍ଷା ହେଉ କି ଖବର ସଂଗ୍ରହ, ସେମାନେ ସୋସିଆଲ୍ ଆପ୍‌ଗୁଡ଼ିକକୁ ମାଧ୍ୟମ ରୂପେ ଚୟନ କରିଛନ୍ତି । ଏଥିରେ ମାତ୍ରାଧିକ ସମୟ ଅତିବାହିତ କରିବା ହେତୁ ସେମାନଙ୍କ ପାଠପଢ଼ା, ବ୍ୟବସାୟ, ରୋଜଗାର, ସାମାଜିକ ମିଳାମିଶା ମଧ୍ୟ ପ୍ରଭାବିତ ହେଉଛି । କେତେବେଳେ ସେମାନେ ଅନଲାଇନ୍ ଡେଟିଂରେ ଆଭାସୀ ସମ୍ପର୍କ ସ୍ଥାପନ କରି ପ୍ରତାରଣାର ଶିକାର ହେଉଛନ୍ତି ତ, ପୁଣି କେତେବେଳେ ଅନଲାଇନ ଗେମ୍ ଏବଂ ବେଟିଂ ମାଧ୍ୟମରେ ଟଙ୍କା ଠକେଇ ବା ଲୁଟ୍‌ର ଶିକାର ହେଉଛନ୍ତି । ପରିଣାମ ସମୟ, ଅର୍ଥ ଏବଂ ଶ୍ରମ ନଷ୍ଟ ହେବା ସହିତ ଯୁବପିଢ଼ି ମାନସିକ ଅବସାଦର ଶିକାର ମଧ୍ୟ ହେଉଛନ୍ତି ।

ଆତ୍ମହତ୍ୟା ଘଟଣା ବୃଦ୍ଧି

ଦୁଃଖର ବିଷୟ ପଥଭ୍ରଷ୍ଟ ଯୁବସମାଜ ଅବସାଦଗ୍ରସ୍ତ ହୋଇ ମାନସିକ ଭାରସାମ୍ୟ ହରାଇ ବସୁଛନ୍ତି । ଗୋଟିଏ ଆତ୍ମହତ୍ୟା ଘଟଣାର ତଦନ୍ତ ଓ ଯାଞ୍ଚ ନ ସରୁଣୁ ଆଉ ଗୋଟିଏ! କେତେ ସହଜରେ ନିଜ ଜୀବନ ନିଜେ ନେଇଯାଉଛନ୍ତି ଏ ଯୁବପିଢ଼ି ! ବାପାମାଆ କଷ୍ଟ ସହି ପିଲାଙ୍କୁ ଜନ୍ମ ଦେବେ, ତାଙ୍କର ଲାଳନପାଳନ, ଶିକ୍ଷା, ସ୍ୱଚ୍ଛଳ ଜୀବନ ପାଇଁ ଝାଳବୁହା ପରିଶ୍ରମ କରିବେ; ପିଲାଏ ଭଲ ଶିକ୍ଷା ଅନୁଷ୍ଠାନରେ ପାଠ ପଢ଼ିବେ ବୋଲି କିଏ ଜମି ବିକ୍ରି କରିଥିବ ତ କିଏ ତା'ର ସଞ୍ଚିତ ଧନ ବ୍ୟୟ କରି ଭଲରୁ ଭଲ ଜାଗାକୁ ପଠେଇଥିବ । ନିଜେ ଅସୁବିଧାରେ ରହି ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ବାପାମାଆଙ୍କ ତମାମ ଜୀବନ ବିତିଯାଏ । ବଦଳରେ ପିଲାମାନେ କ'ଣ ଫେରାନ୍ତି ? ମୃତ୍ୟୁ ପୂର୍ବରୁ ଗୋଟିଏ ହାତଲେଖା ଚିଠି, ଯେଉଁଠି ସେମାନଙ୍କ ଆତ୍ମହତ୍ୟାର କାରଣ ସୁଦ୍ଧା ସ୍ପଷ୍ଟ ଭାବରେ ଲେଖା ନ ଥାଏ । ପରିବାର ସ୍ୱଜନ ଓ ପୋଲିସ ଚିଠିଟିକୁ ନେଇ ଯେତେ ଦୌଡ଼ାଦୌଡ଼ି କଲା ପରେ ବି କିଛି ସ୍ପଷ୍ଟ ଜଣା ପଡ଼େନି । ପରିଣାମ ଦିନ ଦିନ ବିତିଗଲେ ବି କିଛି ଲାଭ ହୁଏ ନାହିଁ ବାପାମାଆ ସବୁଦିନ ପାଇଁ ହରାଇ ବସନ୍ତି ନିଜର ବଞ୍ଚିବାର ସାହାରା, ନିଜର ପିଲାଙ୍କୁ !

ନିଶାଦ୍ରବ୍ୟ ସେବନର କୁପ୍ରଭାବ

ଯୁବସମାଜକୁ ବିପଥଗାମୀ କରାଉଥିବା ଅନ୍ୟ ଏକ କାରଣ ହେଉଛ ନିଶାଦ୍ରବ୍ୟ ସେବନ । ଏହା କେବଳ ମଦରେ ସୀମିତ ନୁହେଁ, ବରଂ ଆହୁରି ମାରାତ୍ମକ ଏବଂ ଶୀଘ୍ର କବଳିତ କରୁଥିବା ନିଶାଦ୍ରବ୍ୟ ଉଭୟ ଯୁବକ ଓ ଯୁବତୀଙ୍କୁ ଆକୃଷ୍ଟ କରୁଛି । ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ, ଆଧୁନିକତାର ଦୌଡ଼ ଏବଂ ଶୀଘ୍ର ଆଗକୁ ବଢ଼ିବାର ପ୍ରତିଯୋଗିତାରେ ଆମ ଯୁବପିଢ଼ି କେତେବେଳେ ନିଶା ପ୍ରତି ଆକୃଷ୍ଟ ହୋଇ ଏହାକୁ ଅଭ୍ୟାସରେ ପରିଣତ କରିଦେଉଛନ୍ତି, ସେମାନେ ମଧ୍ୟ ଜାଣିପାରୁନାହାନ୍ତି । ଅଳ୍ପ ସମୟ ଭିତରେ ପ୍ରତିଷ୍ଠିତ ହେବା ଏବଂ ସ୍ୱଳ୍ପ ପରିଶ୍ରମରେ ଅଧିକ ଆୟ କରିବା ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିବା ନିଶା କାରବାରର ପ୍ରଭାବ ସବୁବର୍ଗର ଲୋକଙ୍କ ମଧ୍ୟରେ ଦେଖାଯାଉଛି । ଗରିବ ହେଉ କି ଧନୀ, ଶସ୍ତା ହେଉ କି ମହଙ୍ଗା ଯେ କୌଣସି ନିଶାଦ୍ରବ୍ୟ ବ୍ୟବହାର ବଶବର୍ତ୍ତୀ ହେଲେ ଆମ ଯୁବସମାଜ ନିଜ ଆଗାମୀ ଭବିଷ୍ୟତକୁ ନିଜେ ପଙ୍ଗୁ କରିଦେଉଛନ୍ତି । କିଶୋର ଅବସ୍ଥାରେ ଆରମ୍ଭ ହେଉଥିବା ନିଶାସେବନ ପ୍ରାପ୍ତବୟସ୍କ ହେଲା ବେଳକୁ ଭୟଙ୍କର ରୂପ ନେଉଛି । ମଦ, ଗୁଟକା, ବିଡ଼ି, ସିଗାରେଟ୍ ସେବନରୁ ଆରମ୍ଭ କରିଥିବା ପିଲା ଆଗକୁ ଯାଇ ଗଞ୍ଜେଇ, ଚରସ୍, ହେରୋଇନ୍, କୋକେନ୍ ଭଳି ନିଶାଦ୍ରବ୍ୟ ସେବନ କରୁଛନ୍ତି । ଦେଶର ଯୁବବର୍ଗ ନିଶାଗ୍ରସ୍ତ ହେଲେ ତାଙ୍କ ଶିକ୍ଷା, କ୍ୟାରିଅର, ବ୍ୟବହାର ଓ ଦୈନନ୍ଦିନ ଜୀବନଶୈଳୀ ବାଧାପ୍ରାପ୍ତ ହେଉଛି । ଏହାର ବହୁଳ ବ୍ୟବହାର ପଛର ବଡ଼ କାରଣ ହେଉଛି ଏହା ଖୁବ ସହଜରେ ଉପଲବ୍ଧ ହେଉଛି ଏବଂ ଯୁବପିଢ଼ି ଏହାକୁ ବ୍ୟବହାର କରିବା ଆଭିଜାତ୍ୟ ଏବଂ ପ୍ରତିପତ୍ତି ଦେଖାଇବାର ଏକ ମାଧ୍ୟମ ବୋଲି ମନେ କରୁଛନ୍ତି ।



ଭୁଲ ପଥ ଅନୁସରଣ

ବର୍ତ୍ତମାନ ଯୁବପିଢ଼ି ଭବିଷ୍ୟତ ଗଢ଼ିବା ପାଇଁ ନିଜ ସହର ଛାଡ଼ି ବଡ଼ ବଡ଼ ସହର ଗୁଡ଼ିକକୁ ଯିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ଏହି ସହର ଗୁଡ଼ିକର ଚୟନ କ'ଣ ଭୁଲ ପଦକ୍ଷେପ ? ଯଦି ସମସ୍ତେ ଏଭଳି ଭାବିବେ ଆମ ଯୁବ ସମାଜ ଆଗକୁ ବଢ଼ିବ କେମିତି? ଦେଶ ତଥା ରାଜ୍ୟର ପ୍ରଗତି ପାଇଁ ଯୁବସମାଜଙ୍କୁ ତ ସହରକୁ ଆସିବାକୁ ହେବ! ସ୍ୱପ୍ନ ଦେଖିବା ଭୁଲ୍ ନୁହେଁ, ମାତ୍ର ସ୍ୱପ୍ନକୁ ପୂରଣ କରିବା ପାଇଁ ଯେଉଁ ରାସ୍ତାଟି ଚୟନ କରାଯାଉଛି, ସେଇଟା ଠିକ୍ ହେବା ଅତ୍ୟନ୍ତ ଆବଶ୍ୟକ । ଯୁବକଯୁବତୀମାନେ ରାଜଧାନୀ ଆଡ଼କୁ ଆକର୍ଷିତ ହେବାର ଯଥେଷ୍ଟ କାରଣ ରହିଛି । ଯେମିତି କି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଶିକ୍ଷାଗ୍ରହଣ, କର୍ମସଂସ୍ଥାନ ଏବଂ ରୋଜଗାର । ଭିନ୍ନ ଭିନ୍ନ କ୍ଷେତ୍ରରେ ନିଜ ଦକ୍ଷତା ଓ କ୍ଷମତା (ଆର୍ଥିକ ଓ ମାନସିକ) ଅନୁଯାୟୀ ଅଧ୍ୟୟନର ସୁଯୋଗ ପାଇବା ଏବଂ ଆଗକୁ ଯାଇ ସେମାନଙ୍କୁ ସୁହାଇଲା ଭଳି ଦରମାରେ କାମ ମିଳିଯାଉଛି। ବଡ଼ ଶିକ୍ଷା ଅନୁଷ୍ଠାନରେ ପଢ଼ିଲେ ଭବିଷ୍ୟତରେ ଦେଶରୁ ବାହାରକୁ ଯିବାର ସୁଯୋଗ ସେମାନଙ୍କୁ ଆହୁରି ଉତ୍ସାହିତ କରୁଛି । ହଠାତ୍ କୌଣସି ଜରୁରିକାଳୀନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ତ୍ୱରିତ ଏବଂ ଉଚ୍ଚମାନର ଚିକିତ୍ସା ମିଳିପାରୁଛି । ଅଭାବ ଅସୁବିଧାରେ ଚଳୁଥିବା ଛୋଟ ସହର କିମ୍ବା ଗାଁର ପିଲାମାନେ କୌଣସି ନା କୌଣସି ଉପାୟ ବାହାର କରି ସହରରେ ନିଜର ଖର୍ଚ୍ଚ ସୁବିଧାରେ ଉଠେଇବା ସମ୍ଭବ ହୋଇପାରୁଛି । ଯାହା ଦ୍ୱାରା ଦାରିଦ୍ର୍ୟକୁ ସେମାନେ ଦୂରେଇ ପାରୁଛନ୍ତି । ରାଜଧାନୀବାସୀଙ୍କ ଜନସଂଖ୍ୟା ଅଧିକ ଥିବାରୁ ଅଧିକ ସୁବିଧା ବି ସରକାର ଯୋଗେଇ ଦେଉଛନ୍ତି । ଯେପରିକି ଉନ୍ନତ ପରିବହନ, ସ୍ୱଚ୍ଛତା, ଟୀକାକାରଣ, ଘର ତିଆରି ଓ ବ୍ୟବସାୟ ପାଇଁ ଋଣ ମିଳିବା ଆଦି ଆହୁରି ଅନେକ ବ୍ୟବସ୍ଥା ସହଜରେ ଉପଲବ୍ଧ ହେଉଛି । ତେଣୁ ଧୀରେ ଧୀରେ ଆମ ଯୁବପିଢ଼ି ରାଜଧାନୀରେ ଉଚ୍ଚମାନର ଜୀବନ ଯାପନର ସ୍ୱପ୍ନ ଖୁବ ଛୋଟ ବେଳୁ ଦେଖିବା ଆରମ୍ଭ କରିଦେଉଛନ୍ତି । ସ୍ୱପ୍ନ ଦେଖ, ତାକୁ ପୂରଣ କରିବାକୁ ଚେଷ୍ଟା କର, ମାତ୍ର ଠିକ୍ ରାସ୍ତାରେ ଯାଇ, ସମ୍ମାନର ସହ । ଉଚ୍ଚ ହେବା ପାଇଁ ସହଜ ଓ ଅସତ ଉପାୟ ନୁହେଁ; ବରଂ ପରିଶ୍ରମ, ଯୋଗ୍ୟତା, ଦକ୍ଷତା ହିଁ ମାପକାଠି ହେଉ, ଏହା ଆମ ଯୁବବର୍ଗଙ୍କୁ ବୁଝିବାକୁ ହେବ।

ବୈଦିକ ସଂସ୍କୃତିକୁ ଆପଣେଇବା

ଯୁବସମାଜକୁ ବୈଦିକ ଦିନଚର୍ଯ୍ୟାକୁ ଆପଣେଇବା ପାଇଁ ଉତ୍ସାହିତ କରିବାକୁ ହେବ। ବୈଦିକ ଦିନଚର୍ଯ୍ୟା ଯୁବଗୋଷ୍ଠୀଙ୍କୁ ସନ୍ତୁଳିତ, ସଚେତନ ଏବଂ ଜାଗ୍ରତ ହେବାରେ ସହାୟକ ହେବ। ଏହା ଭିତରେ ପ୍ରାତଃ ଶୀଘ୍ର ଉଠିବା, ନିୟମିତ ଶାରୀରିକ ବ୍ୟାୟାମ, ଯୋଗାଭ୍ୟାସ, ସନ୍ତୁଳିତ ଏବଂ ପୁଷ୍ଟିକର ଆହାର, ଶୃଙ୍ଖଳିତ ଜୀବନଶୈଳୀ, ଯଥେଷ୍ଟ ବିଶ୍ରାମ ଏବଂ ଭକ୍ତି ମାର୍ଗରେ ମନ, ଶରୀର ଓ ସମୟ ନିବେଶ କରିବାକୁ ବୁଝାଏ।

ସାମାଜିକ ଗଣମାଧ୍ୟମର ସଦ୍‌ବ୍ୟବହାର

ଯୁଗ ସହ ତାଳ ଦେଇ ଆମ ଯୁବପିଢ଼ିଙ୍କୁ ଇଣ୍ଟରନେଟ୍, ଆପ୍ ଏବଂ ମୋବାଇଲ ବ୍ୟବହାର କରିବାକୁ ହେବ। ଦେଶବିଦେଶର ଖବର ଜାଣିବା, ଯୋଗାଯୋଗ ଏବଂ ସମ୍ପର୍କ ସ୍ଥାପନ କରିବା, ଆଧୁନିକ ଶିକ୍ଷାପଦ୍ଧତି ଅନୁସରଣ କରିବା, ବ୍ୟବସାୟ, କିଣାବିକା, ବିଜ୍ଞାପନ ଆଦି ପାଇଁ ସାମାଜିକ ଗଣମାଧ୍ୟମଗୁଡ଼ିକର ସହାୟତା ନେବାକୁ ହୁଏ। ମାତ୍ର ବ୍ୟବସ୍ଥିତ, ଶୃଙ୍ଖଳିତ ଏବଂ ସୀମିତ ବ୍ୟବହାର ହିଁ ଗ୍ରହଣୀୟ, ନଚେତ ଏହାର କୁପ୍ରଭାବ ଆମ ଭବିଷ୍ୟତ ପିଢ଼ିକୁ ଅଳସୁଆ, ବେକାର ଏବଂ ଅଣଉତ୍ପାଦନକ୍ଷମ କରିଦେବ। ନିଜେ ସୁରକ୍ଷିତ ରହି ଲାଭ ପ୍ରଦାନ କରୁଥିବା ଆପ୍‌ଗୁଡ଼ିକକୁ ସଚେତନ ଭାବରେ ବ୍ୟବହାର କରିବାର ଆବଶ୍ୟକତା ରହିଛି। ଯୁବତୀମାନେ ଅଜଣା, ଅପରିଚିତ ବ୍ୟକ୍ତିଙ୍କ ସହ ଆଭାସୀ କଥାବାର୍ତ୍ତା ହେବା ସମୟରେ ସତର୍କତା ଅବଲମ୍ବନ କରିବାକୁ ହେବ। ପରିବାର ସହ ଅଧିକ ସମୟ ବିତେଇଲେ ଏବଂ ସମାଜିକ ସମ୍ପର୍କକୁ ପ୍ରାଧାନ୍ୟ ଦେଲେ ମାନସିକ ଅବସାଦ ରହିବ ନାହିଁ ପରିଣାମ ଯୁବସମାଜ ଭିତରେ ମାନସିକ ଚାପ ଜନିତ ଅସୁସ୍ଥତା କିମ୍ବା ଆତ୍ମହତ୍ୟାପ୍ରବଣତା ମଧ୍ୟ ହ୍ରାସ ପାଇବ ।

ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା

ଆତ୍ମହତ୍ୟା ପ୍ରବଣତାକୁ ରୋକିବା ପାଇଁ ଯୁବପିଢ଼ିଙ୍କୁ ବଞ୍ଚିବାର କଳା ବିଷୟରେ ଅବଗତ କରିବାକୁ ହେବ। ପିଲାଦିନରୁ ସେମାନଙ୍କ ଭିତରେ ସ୍ନେହ, ଭଲପାଇବା, ଦୟା, କ୍ଷମା ଭଳି ଗୁଣ ବିକଶିତ କରିବାକୁ ହେବ । ଉପଯୁକ୍ତ ସଂସ୍କାର ଶିକ୍ଷା ମାଧ୍ୟମରେ ସେମାନଙ୍କର ମାନବୀୟ ମୂଲ୍ୟବୋଧଗୁଡ଼ିକକୁ ଜାଗ୍ରତ କରିବାକୁ ହେବ। ଘର ଭିତରେ ହିଁ ଏହାର ଆରମ୍ଭ ଅତ୍ୟନ୍ତ ଆବଶ୍ୟକ। ବାପାମାଆ, ପରିବାର ସଦସ୍ୟ ଏବଂ ଗୁରୁଜନମାନେ ସେମାନଙ୍କୁ ଉଚିତ-ଅନୁଚିତ, ଠିକ୍-ଭୁଲ, ବିଷୟରେ ଶିକ୍ଷା ଦେବା ଉଚିତ। ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସେମାନେ ପିଲାଙ୍କୁ ସଠିକ୍ ମାର୍ଗଦର୍ଶନ ଦେବା। ପରସ୍ପର ସହ ମିଳିମିଶି ରହିବା, ଏକାଠି କାମ କରିବା, ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନର ଦାୟିତ୍ୱ ନେବା, ଅନ୍ୟକୁ ସାହାଯ୍ୟ କରିବା ଭଳି ଗୁଣ ବିଷୟରେ ଶିକ୍ଷା ଦେବା ଆବଶ୍ୟକ। ଯଦି କୌଣସି ପିଲା ମାନସିକ ଚାପ ଓ ଅବସାଦ ବଶବର୍ତ୍ତୀ ହେଉଛି, ତା'ର ଗତିବିଧିକୁ ଲକ୍ଷ୍ୟ କରି ତା' ସହ ବସି କଥାବାର୍ତ୍ତା ହେବା, ତାକୁ ଏକୁଟିଆ ଅନୁଭବ କରିବାକୁ ନ ଦେଇ, ତା'ର ପରିବାର ତା' ସହିତ ସବୁବେଳେ ଅଛନ୍ତି ବୋଲି ଆଶ୍ୱାସନା ଆତ୍ମହତ୍ୟା ଭଳି ବଡ଼ ବିପଦରୁ ସେମାନଙ୍କୁ ଫେରାଇ ଆଣିବ।



ଯୁବପିଢ଼ି ବୁଝିବା ଉଚିତ ଯେ, ଯେଉଁଭଳି ବିଷୟ ସେମାନେ ଦେଖିବେ, ଶୁଣିବେ, କହିବେ ଏବଂ ଚିନ୍ତା କରିବେ ସେଭଳି କର୍ମ ହିଁ ତାଙ୍କ ଦ୍ୱାରା ସମ୍ଭବ ହେବ। ଏଣୁ ବିକୃତ, ଅଶ୍ଳୀଳ, ହିଂସାତ୍ମକ ଓ ଉତ୍ତେଜକ ଦୃଶ୍ୟ, ନୃତ୍ୟ, ସଙ୍ଗୀତଠାରୁ ନିଜକୁ ଦୂରେଇ ରଖି ସୁସ୍ଥ ଏବଂ ସକାରାତ୍ମକ ବିଷୟ ଉପରେ ଅଧିକ ପ୍ରାଧାନ୍ୟ ଦେବାକୁ ହେବ। ନିଜର ମନ୍ଦ ଅଭ୍ୟାସ ଓ ବିକର୍ଷଣଗୁଡ଼ିକକୁ ନିଜେ ଚିହ୍ନି ତା' ଠାରୁ ଦୂରତା ଅବଲମ୍ବନ କରିବାକୁ ହେବ। ଯୁବବର୍ଗଙ୍କୁ ବୁଝିବାକୁ ହେବ ଯେ ସେମାନଙ୍କର ସାମୂହିକ ବିକାଶ, ମେଧାଶକ୍ତି, ଏକାଗ୍ରତା ଏବଂ ଲକ୍ଷ୍ୟପ୍ରାପ୍ତିର ବିଧାତା ସେମାନେ ନିଜେ ! ଏଣୁ ସମୟ ଥାଇ ସେମାନଙ୍କୁ ବାଛି ନେବାକୁ ହେବାକୁ ହେବ, ଯେ କେଉଁ ପଥ ତାଙ୍କ ପାଇଁ କଣ୍ଟକିତ ଏବଂ କେଉଁ ବାଟରେ ଗଲେ ଏକ ସୁନେଲି ଭବିଷ୍ୟତ ଅପେକ୍ଷାରତ। କାରଣ ଯଦି ଦେଶର ଯୁବଗୋଷ୍ଠୀ ବାଟ ହୁଡ଼ିଲେ, ଦେଶର ବର୍ତ୍ତମାନ ସହ ଭବିଷ୍ୟତ ମଧ୍ୟ ବିପଦସଂକୁଳ ସ୍ଥିତିକୁ ପହଞ୍ଚିଯିବ, ଯାହା ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ର ପାଇଁ ସୁସମ୍ବାଦ ନୁହେଁ। ■

ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮

ଯୁବ ସମାଜ ସମ୍ଭାବନା ଓ ସମସ୍ୟା

ଅଧ୍ୟାପକ ସିଦ୍ଧାର୍ଥ ଶୁଭଙ୍କର ଧଳ

ସର୍ବଦା ଯୁବପିଢ଼ିଙ୍କ ଆଚରଣ ଏବଂ ମୂଲ୍ୟବୋଧ ବିଷୟରେ ପୁରୁଣା ପିଢ଼ି ପ୍ରଶ୍ନ ଉଠାଇଥାଏ। କିନ୍ତୁ ଆଜି, ଏହି ଚିନ୍ତା ଅଧିକ ବାସ୍ତବ, ଜରୁରି ଏବଂ ଚିନ୍ତାଜନକ ମନେହୁଏ। ବିଶ୍ୱର ସର୍ବାଧିକ ଯୁବପିଢ଼ିଙ୍କ ଜନସଂଖ୍ୟା ସହିତ ଭାରତ ସମ୍ଭାବନାରେ ପରିପୂର୍ଣ୍ଣ ହେବା ଉଚିତ। ତଥାପି ବର୍ତ୍ତମାନ ପିଢ଼ିର ଅନେକ ଲୋକ ନିରାଶ, ଦିଗହୀନ ଏବଂ କିଛି କ୍ଷେତ୍ରରେ ବିପଜ୍ଜନକ ଭାବରେ ପଥଭ୍ରଷ୍ଟ ଦେଖାଯାଆନ୍ତି। ଅପରାଧ, ନିଶା, ଆକ୍ରମଣାତ୍ମକ, ଅବାଧ୍ୟତା, ମାନସିକ ଅବସାଦ, ଚିନ୍ତା, ମେଦବହୁଳତା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ହାର ବୃଦ୍ଧି - ଏଗୁଡ଼ିକ ବିଚଳିତକାରୀ ଧାରା ପାଲଟିଛି। ତେବେ, କ'ଣ ଭୁଲ ହେଉଛି? ଭାରତରେ ଯୁବପିଢ଼ିର ମନ କାହିଁକି ବିକାଶ, ଦାୟିତ୍ୱ ଏବଂ ସମାଜ ପ୍ରତି ଅବଦାନର ପଥରୁ ବିଚ୍ୟୁତ ହେଉଛନ୍ତି? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେ ସେମାନଙ୍କୁ କିପରି ମୁଖ୍ୟସ୍ରୋତକୁ ଫେରାଇ ଆଣିପାରିବା? ଜଣେ ମନସ୍ତତ୍ତ୍ୱବିତ୍ ଭାବରେ, ମୁଁ ବିଶ୍ୱାସ କରେ ଯେ ପ୍ରତ୍ୟେକ ଆଚରଣ ହେଉଛି ଯୋଗାଯୋଗର ଏକ ପ୍ରକାର। ଆମେ ଯାହାକୁ ପ୍ରାୟତଃ 'ଅବାଧ୍ୟତା' କିମ୍ବା 'ପଥଭ୍ରଷ୍ଟ ହେବା' ଭାବରେ ଦେଖୁ, ତାହା କେତେକ ସମୟରେ ସାହାଯ୍ୟ ପାଇଁ ଏକ ନୀରବ ଚିତ୍କାର।

ଯେତେବେଳେ ଆମେ 'ଯୁବ' କିମ୍ବା 'ବର୍ତ୍ତମାନର ପିଢ଼ି' ବିଷୟରେ ଆଲୋଚନା କରୁଛୁ, ଆମେ ମୁଖ୍ୟତଃ ୧୧ ରୁ ୨୬ ବର୍ଷ ବୟସର ବ୍ୟକ୍ତିବିଶେଷଙ୍କୁ ବୁଝାଉଛୁ। 'ପଥଭ୍ରଷ୍ଟ' ଶବ୍ଦଟି ପ୍ରାୟତଃ ସେହି ଯୁବପିଢ଼ିଙ୍କୁ ବୁଝାଏ ଯେଉଁମାନେ କଠିନ ପରିଶ୍ରମ, ଶୃଙ୍ଖଳା, ଦାୟିତ୍ୱ ଏବଂ ନୈତିକତାର ମୁଖ୍ୟଧାରାର ଆଦର୍ଶରୁ ବିଚ୍ୟୁତ ହୋଇଛନ୍ତି। ଏମାନେ ହେଉଛନ୍ତି ସେହି ବ୍ୟକ୍ତି ଯେଉଁମାନେ ବିନା ଉଦ୍ଦେଶ୍ୟରେ ସ୍କୁଲ ଛାଡ଼ି ଦିଅନ୍ତି କିମ୍ବା ବିନା ଉଦ୍ଦେଶ୍ୟରେ କଲେଜ ଯାଆନ୍ତି, ନିଶା ସେବନ, ଅନଲାଇନ୍ ଜୁଆ କିମ୍ବା ସାଇବର ଅପରାଧରେ ଲିପ୍ତ ହୁଅନ୍ତି, ହିଂସା, ଚୋରି କିମ୍ବା ସାମାଜିକ ମାନଦଣ୍ଡ ବିରୁଦ୍ଧରେ ବିଦ୍ରୋହର ଆଶ୍ରୟ ନିଅନ୍ତି, ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଆତ୍ମହତ୍ୟା ଚିନ୍ତାଧାରାରେ ପୀଡ଼ିତ ହୁଅନ୍ତି।

ଅନେକ ବିଶେଷଜ୍ଞ ପ୍ରାୟତଃ ଏହି ପିଢ଼ିକୁ 'ସର୍ବାଧିକ ଅବସାଦଗ୍ରସ୍ତ ପିଢ଼ି' (Most depressed generation) ବୋଲି କୁହନ୍ତି। PEW ଗବେଷଣା କେନ୍ଦ୍ର ଅନୁଯାୟୀ, ସମସ୍ତ ବର୍ଗ, ଜାତି ଏବଂ ଲିଙ୍ଗର ପ୍ରାୟ ୭୦% ଯୁବପିଢ଼ି କୌଣସି ନା କୌଣସି ପ୍ରକାରର ଚିନ୍ତା କିମ୍ବା ଉଦାସୀନତାରେ ପୀଡ଼ିତ। WHO ଦ୍ୱାରା ଭାରତକୁ 'ବିଶ୍ୱର ସବୁଠାରୁ ଅବସାଦଗ୍ରସ୍ତ ଦେଶ ମଧ୍ୟରୁ ଗୋଟିଏ' କୁହାଯାଇଛି, ତଥାପି ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ୮୩% ପର୍ଯ୍ୟନ୍ତ ଲୋକ ଆବଶ୍ୟକ ସହାୟତା ପାଉନାହାଁନ୍ତି। ପରିସ୍ଥିତି ଏତେ ଭୟଙ୍କର ଯେ ଭାରତରେ ବର୍ତ୍ତମାନ ବିଶ୍ୱସ୍ତରରେ ସର୍ବାଧିକ ଆତ୍ମହତ୍ୟା ହାର ରହିଛି, ବିଶେଷକରି ଏହାର ଯୁବପିଢ଼ିଙ୍କ ମଧ୍ୟରେ। ତେବେ, ସମସ୍ତ ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ପ୍ରଗତି ପରେ ମଧ୍ୟ ଆମର ଯୁବପିଢ଼ି କାହିଁକି ଉଦାସୀନତା ଏବଂ ଅନ୍ୟାନ୍ୟ ସମସ୍ୟାରେ ପୀଡ଼ିତ?

ବିଚ୍ୟୁତ ଯୁବପିଢ଼ି

ବିଚ୍ୟୁତିର ଭାବନା କୌଣସି ଏକ ପିଢ଼ି ପାଇଁ ଅନନ୍ୟ ନୁହେଁ, କିନ୍ତୁ ନିର୍ଦ୍ଦିଷ୍ଟ ଚାପ ଏବଂ ପ୍ରଭାବ ବିକଶିତ ହୁଏ। ବର୍ତ୍ତମାନର ପିଢ଼ି ପାଇଁ, ଅନେକ କାରଣ ଗୁରୁତ୍ୱପୂର୍ଣ୍ଣ ଭାବରେ ଅବଦାନ ରଖେ।

ଡିଜିଟାଲ୍ ଓଭରଲୋଡ୍

ପ୍ରତ୍ୟେକ ମଣିଷକୁ ସେମାନଙ୍କର ନିଷ୍ପତ୍ତିକୁ ମାର୍ଗଦର୍ଶନ କରିବା ଏବଂ ଜୀବନକୁ ଅର୍ଥ ଦେବା ପାଇଁ ଏକ ଉଦ୍ଦେଶ୍ୟ ଆବଶ୍ୟକ। ତଥାପି, ବର୍ତ୍ତମାନର ପିଢ଼ି ହୁଏତ ପ୍ରଥମ ସ୍ଥାନ ହୋଇପାରେ ଯେଉଁଠାରେ ଅଧିକାଂଶ ବ୍ୟକ୍ତି ଡିଜିଟାଲ୍ ଓଭରଲୋଡ୍ ଯୋଗୁଁ ସେମାନଙ୍କର ଉଦ୍ଦେଶ୍ୟ ଖୋଜିବା ପାଇଁ ସଂଘର୍ଷ କରନ୍ତି।

ସୂଚନା ଓଭରଲୋଡ୍

ଆଜିର ଯୁବପିଢ଼ି ପସନ୍ଦ, ଦ୍ୱନ୍ଦ୍ୱପୂର୍ଣ୍ଣ ପରାମର୍ଶ ଏବଂ ତୁରନ୍ତ ସନ୍ତୋଷରେ ବୁଡ଼ି ରହିଛନ୍ତି। ଇଣ୍ଟରନେଟ୍, ସୂଚନାପ୍ରଦ ହେଲେ ମଧ୍ୟ ଏକ ଓଭରଲୋଡ୍ ସୃଷ୍ଟି କରେ, ଯାହା ଦ୍ୱନ୍ଦ୍ୱ ଏବଂ ଶୂନ୍ୟତାବାଦ (Nihilism) ଆଡ଼କୁ ନେଇଯାଏ - ଏକ ବିଶ୍ୱାସ ଯେ ଜୀବନର କୌଣସି ପ୍ରକୃତ ଅର୍ଥ ନାହିଁ। ଯୁବପିଢ଼ି ଏତେ ଦ୍ୱନ୍ଦ୍ୱପୂର୍ଣ୍ଣ ବାସ୍ତବତାର ସାମ୍ନା କରନ୍ତି ଯେ, ସେମାନଙ୍କର ନିଜସ୍ୱ ବାସ୍ତବତା ନୀରସ କିମ୍ବା ଗୁରୁତ୍ୱହୀନ ଦେଖାଯାଇପାରେ।

ଡିଜିଟାଲ୍ ନେଟିଭ୍ସ

ଏହି ପିଢ଼ି ଏକ ହାଇପର-ସଂଯୁକ୍ତ ଡିଜିଟାଲ୍ ଦୁନିଆରେ ବଢ଼ିଛି, ଯାହାକୁ ପ୍ରାୟତଃ 'ଡିଜିଟାଲ୍ ନେଟିଭ୍ସ' କୁହାଯାଏ। ସଦ୍ୟତମ ତଥ୍ୟ ସୂଚାଇ ଦିଏ ଯେ, ୫୪% ଯୁବପିଢ଼ି ପ୍ରତିଦିନ ପ୍ରାୟ ୫ ଘଣ୍ଟା ଅନଲାଇନ୍‌ରେ ବିତାନ୍ତି ଏବଂ

୩୮% ୫ ଘଣ୍ଟାରୁ ଅଧିକ ସମୟ ବିତାନ୍ତି। ସାମାଜିକ ଗଣମାଧ୍ୟମ ଏକ ଦ୍ୱିତୀୟ ବାସ୍ତବତା ପାଲଟିଛି, ଯେଉଁଠାରେ ଅବାସ୍ତବ ବୈଧତା ପ୍ରାୟତଃ ବାସ୍ତବ ଜୀବନର ସଫଳତାକୁ ବଦଳାଇଥାଏ। ନିରନ୍ତର ତୁଳନା, ସାଇବର୍ ଧମକ, ଟ୍ରୋଲିଂ, ଅବାସ୍ତବ ସୌନ୍ଦର୍ଯ୍ୟ ମାନଦଣ୍ଡ ଏବଂ ପସନ୍ଦ ଏବଂ ଅନୁସରଣକାରୀଙ୍କ ପ୍ରତି ନିଶା, ଆତ୍ମସମ୍ମାନକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଏ। ଜଣେ ଯୁବକ ପ୍ରତିଦିନ ୬-୮ ଘଣ୍ଟା ଅନଲାଇନ୍‌ରେ ବିତାଇଲେ ତାଙ୍କ ମନରେ ଚିନ୍ତା, ଏକାକୀତା ଏବଂ ବିକୃତ ମୂଲ୍ୟବୋଧର ସମ୍ଭାବନା ଅଧିକ ଥାଏ।

ଭାବପ୍ରବଣ ସମର୍ଥନର ଅଭାବ ଏବଂ ଦୁର୍ବଳ ଅଭିଭାବକତ୍ୱ

ଭାରତରେ ଅନେକ ପିତାମାତା ଅତ୍ୟଧିକ ନିୟନ୍ତ୍ରଣ କରନ୍ତି କିମ୍ବା ଭାବପ୍ରବଣ ଭାବରେ ଅନୁପସ୍ଥିତ ଥାଆନ୍ତି। ଏହା ପିଲାମାନଙ୍କ ବ୍ୟକ୍ତିତ୍ୱକୁ ଦମନ କରିପାରେ କିମ୍ବା ସେମାନଙ୍କର ଭାବପ୍ରବଣ ଆବଶ୍ୟକତାକୁ ଅଣଦେଖା କରିପାରେ। ଯେତେବେଳେ ଘରେ ଭାବପ୍ରବଣ ସମ୍ପର୍କ ଦୁର୍ବଳ ଥାଏ, ପିଲାମାନେ ପ୍ରାୟତଃ ଅନ୍ୟତ୍ର ଗ୍ରହଣ ଖୋଜନ୍ତି - କେତେକ ସମୟରେ ବିଷାକ୍ତ ସମବୟସ୍କ ଗୋଷ୍ଠୀ, ଅନଲାଇନ୍ ପ୍ରଭାବଶାଳୀ କିମ୍ବା ବିପଦଜନକ ନିଶାରେ।

ଶିକ୍ଷାଗତ ଚାପ ଏବଂ ପରିଚୟ ସଙ୍କଟ

ଭାରତର ଶିକ୍ଷା ବ୍ୟବସ୍ଥା ପ୍ରାୟତଃ ଭାବପ୍ରବଣ ବୁଦ୍ଧିମତ୍ତା ଏବଂ ବୃଦ୍ଧି, ସୃଜନଶୀଳତା କିମ୍ବା କୌତୁହଳ ଅପେକ୍ଷା ଘୋଷା ଶିକ୍ଷାକୁ ପ୍ରାଥମିକତା ଦିଏ। ଛାତ୍ରଛାତ୍ରୀମାନଙ୍କୁ ପ୍ରଦର୍ଶନ, ପ୍ରତିଯୋଗିତା ଏବଂ ସଫଳ ହେବା ପାଇଁ ଚାପ ଦିଆଯାଏ କିନ୍ତୁ ବିଫଳତା କିମ୍ବା ଶିକ୍ଷାଗତ ଚାପକୁ କିପରି ପରିଚାଳନା କରିବେ ତାହା ଶିଖାଯାଏ ନାହିଁ। ଅନେକ ଛାତ୍ର ନୀରବରେ କଷ୍ଟ ପାଆନ୍ତି, ସେମାନଙ୍କର ବିଫଳତା ପ୍ରକାଶ କରିବାକୁ ଭୟ କରନ୍ତି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉଚ୍ଚ ଆତ୍ମହତ୍ୟା ହାର, ବିଶେଷକରି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନେ ଏହି ବ୍ୟବସ୍ଥାର ନିଷ୍ଠୁରତାକୁ ଦର୍ଶାଏ।

ନୈତିକ ଶିକ୍ଷାର ଅଭାବ

ଆଜିର ପ୍ରଭାବଶାଳୀ ବ୍ୟକ୍ତିମାନେ ପ୍ରାୟତଃ ବୈଜ୍ଞାନିକ, ସ୍ୱାଧୀନତା ସଂଗ୍ରାମୀ କିମ୍ବା ଚିନ୍ତାନାୟକଙ୍କ ପରିବର୍ତ୍ତେ ଭୌତିକବାଦ, ଅହଂକାର ଏବଂ ସଫଳତାର ସର୍ଟକଟ୍ ପ୍ରୋତ୍ସାହିତ କରୁଥିବା ସାମାଜିକ ଗଣମାଧ୍ୟମର ସେଲିବ୍ରିଟି ଅଟନ୍ତି। ଘରେ ହେଉ କିମ୍ବା ସ୍କୁଲରେ ହେଉ, ଧୈର୍ଯ୍ୟ, ସହାନୁଭୂତି, ସମ୍ମାନ ଏବଂ ତ୍ୟାଗ ଭଳି ପାରମ୍ପରିକ ମୂଲ୍ୟବୋଧକୁ କ୍ୱଚିତ୍ ଗୁରୁତ୍ୱ ଦିଆଯାଏ।

ବେକାରୀ ଏବଂ ଆର୍ଥିକ ଅସୁରକ୍ଷା

ଭାରତରେ ଉଚ୍ଚ ଶିକ୍ଷିତ ଯୁବକମାନେ ମଧ୍ୟ ବେକାରିର ସମ୍ମୁଖୀନ ହୁଅନ୍ତି। ଏହା ବ୍ୟବସ୍ଥା ପ୍ରତି ବିଶ୍ୱାସ ହରାଇପାରେ, କିଛି ଲୋକ ପ୍ରାୟତଃ ବେଆଇନ ଭାବରେ ସର୍ଟକଟ୍ ରାସ୍ତା ଖୋଜିବାକୁ ପ୍ରେରଣା ପାଆନ୍ତି। ହତାଶା ସେମାନଙ୍କୁ ଅପରାଧ, ନିଶା ଅପବ୍ୟବହାର କିମ୍ବା ସମାଜ ବିରୋଧୀ ଆଚରଣ ଆଡ଼କୁ ଟାଣି ନେଇପାରେ, ଯେତେବେଳେ ଅନ୍ୟମାନେ ଡିପ୍ରେସନ୍ କିମ୍ବା ନିରାଶରେ ପଡ଼ିଯାଆନ୍ତି।

ଅଭିଭାବକଙ୍କୁ ଶିକ୍ଷା

ପିତାମାତାଙ୍କୁ ସହାନୁଭୂତି, ଶ୍ରବଣ ଏବଂ ଭାବପ୍ରବଣ ସମର୍ଥନରେ ତାଲିମ ଆବଶ୍ୟକ। କେବଳ ଦଣ୍ଡ ଦେବା ପରିବର୍ତ୍ତେ ଶିକ୍ଷାଦାନ ଉପରେ ଧ୍ୟାନ ଦେଇ ଦୁର୍ବ୍ୟବହାର ପାଇଁ ସ୍ପଷ୍ଟ, ସ୍ଥିର ଏବଂ ବୟସ-ଉପଯୁକ୍ତ ପରିଣାମ କାର୍ଯ୍ୟକାରୀ କରିବା ଆବଶ୍ୟକ।

ମାନସିକ ସ୍ୱାସ୍ଥ୍ୟ ସଚେତନତା

ପ୍ରତ୍ୟେକ ସ୍କୁଲ ଏବଂ କଲେଜରେ ପ୍ରଶିକ୍ଷିତ ମନସ୍ତତ୍ତ୍ୱବିତ୍ ରହିବା ଆବଶ୍ୟକ। ମାନସିକ ସୁସ୍ଥତା ବିଷୟରେ ଖୋଲାଖୋଲି ଆଲୋଚନା କରାଯିବା ସହିତ ଭାବପ୍ରବଣ ନିୟନ୍ତ୍ରଣ, ଚାପ ପରିଚାଳନା ଶିକ୍ଷା ଦେବା ଉଚିତ।

ଶିକ୍ଷାଗତ ସଂସ୍କାର

ଆମର ପାଠ୍ୟକ୍ରମ ଶିକ୍ଷା ସହିତ ଜୀବନ କୌଶଳ, ଭାବପ୍ରବଣ ବୁଦ୍ଧିମତ୍ତା ଏବଂ ଚାପ ପରିଚାଳନା ଶିକ୍ଷା ଦେବା ଉଚିତ।

ଦକ୍ଷତା-ଆଧାରିତ ନିଯୁକ୍ତି

ବ୍ୟବହାରିକ ତାଲିମ ଏବଂ ଚାକିରି ସୁଯୋଗ ପ୍ରଦାନ କରେ। ଉଦ୍ଦେଶ୍ୟ ସକାରାତ୍ମକ ଆଚରଣକୁ ଆଗେଇ ନିଏ।

ଦାୟିତ୍ୱପୂର୍ଣ୍ଣ ଗଣମାଧ୍ୟମକୁ ପ୍ରୋତ୍ସାହିତ

ସେଲିବ୍ରିଟି, ପ୍ରଭାବଶାଳୀ ଏବଂ ବିଷୟବସ୍ତୁ ସୃଷ୍ଟିକାରୀମାନେ ଯାହା ପ୍ରଚାର କରନ୍ତି ତାହାର ଦାୟିତ୍ୱ ନେବା ଉଚିତ। ଏକକାଳୀନ, ପରିବାରଗୁଡ଼ିକ ନିୟମିତ ଡିଜିଟାଲ୍ ଡିଟକ୍ସ ଦିବସ ଅଭ୍ୟାସ କରିବା ଉଚିତ - ବାସ୍ତବ ଜୀବନର କଥାବାର୍ତ୍ତା, ହବି ଏବଂ ବନ୍ଧନକୁ ଉତ୍ସାହିତ କରିବା।

ଯୁବକମାନଙ୍କୁ ଦୋଷ ଦେବା ପରିବର୍ତ୍ତେ, ଆମକୁ ପଚାରିବାକୁ ପଡ଼ିବ; ଆମେ ସେମାନଙ୍କ ପାଇଁ କି ପ୍ରକାରର ସମାଜ ଗଠନ କରିଛୁ? ଆମେ କ'ଣ ସେମାନଙ୍କୁ ଯଥେଷ୍ଟ ଭାବପ୍ରବଣ ସୁରକ୍ଷା, ନୈତିକ ଭିତ୍ତିଭୂମି ଏବଂ ଉନ୍ନତି ପାଇଁ ସୁଯୋଗ ଦେଉଛୁ? ସମାଧାନ ଦଣ୍ଡ କିମ୍ବା ଦମନରେ ନୁହେଁ ବରଂ ବୁଝାମଣା, ସହାନୁଭୂତି ଏବଂ କାର୍ଯ୍ୟରେ ରହିଛି।

ମୁଁ ଅନେକ ଯୁବକଙ୍କୁ ଭେଟିଛି ଯେଉଁମାନଙ୍କୁ ଥରେ 'ବିଫଳତା' ବୋଲି ଲେବଲ୍ କରାଯାଇଥିଲା। ସଠିକ୍ ମାର୍ଗଦର୍ଶନ, ଚିକିତ୍ସା ଏବଂ ଭାବପ୍ରବଣ ସମର୍ଥନ ସହିତ, ସେମାନେ ପୁଣି ଥରେ ସେମାନଙ୍କର ପଥ ପାଇଲେ। ବର୍ତ୍ତମାନର ଯୁବପିଢ଼ି ଦୁର୍ବଳ ନୁହଁନ୍ତି, ସେମାନେ କେବଳ ଅଭିଭୂତ। ସେମାନେ ଏକ ଦ୍ରୁତଗତି, ଉଚ୍ଚ ଚାପଯୁକ୍ତ ଦୁନିଆରେ ବାସ କରନ୍ତି, ଯାହା ପ୍ରାୟତଃ ସେମାନଙ୍କୁ ମଣିଷ ପରି ବ୍ୟବହାର କରିବାକୁ ଭୁଲିଯାଏ। ଯଦି ଆମେ ପ୍ରକୃତରେ ସେମାନଙ୍କ କଥା ଶୁଣିବା, ସେମାନଙ୍କୁ ମାର୍ଗଦର୍ଶନ କରିବା ଏବଂ ସେମାନଙ୍କ ଉପରେ ବିଶ୍ୱାସ କରିବା, ତେବେ ସେମାନେ କେବଳ ସେମାନଙ୍କର ଜୀବନ ନୁହେଁ, ବରଂ ଆମ ଦେଶର ଭବିଷ୍ୟତକୁ ମଧ୍ୟ ପୁନଃନିର୍ମାଣ କରିପାରିବେ। ପଥଭ୍ରଷ୍ଟ ହୋଇଥିବା ପ୍ରତ୍ୟେକ ପିଲା ଫେରି ଆସିପାରିବ - ଯଦି କେହି ଜଣେ ପଥ ଆଲୋକିତ କରନ୍ତି। ■

ମନସ୍ତତ୍ତ୍ୱ ବିଭାଗ, ଚରମ୍ପା ଡିଗ୍ରୀ କଲେଜ, ଭଦ୍ରକ



ଆଜି ଭାରତ ଏକ ବିରୋଧାଭାସର ମୋଡ଼ରେ । ଆମେ ବିଶ୍ୱର ସବୁଠାରୁ ଯୁବ ଦେଶ, ଆମର ଜନସଂଖ୍ୟାର ୬୫ % ରୁ ଅଧିକ ୩୫ ବର୍ଷରୁ କମ୍ ବୟସର । ଏହି ଯୁବ ଶକ୍ତି ଆମର ସବୁଠାରୁ ବଡ଼ ଶକ୍ତି ହେବା ଉଚିତ । ଏହା ନବସୃଜନ, ଉତ୍ପାଦକତା ଏବଂ ସମୃଦ୍ଧିର ଇଞ୍ଜିନ ସ୍ୱରୂପ । ସ୍ମାର୍ଟଫୋନ୍ ଯୁଗରେ ଯେତେବେଳେ ପ୍ରତ୍ୟେକ ଆଙ୍ଗୁଳିରେ ବିଶ୍ୱର ସଂଯୋଗ ଉପଲବ୍ଧ ଏବଂ ପୂର୍ବାପେକ୍ଷା ବ୍ୟାପକ, ସେତେବେଳେ ଆଜିର ଯୁବକ ଆଦର୍ଶ ଭାବରେ ଇତିହାସର ସବୁଠାରୁ ସଶକ୍ତ ପିଢ଼ି ହେବା ଉଚିତ । ପୂର୍ବାପେକ୍ଷା ଯୁବକମାନେ ଅଧିକ ଉଦ୍‌ବେଗ, ଅବସାଦ, ନିଶାସକ୍ତ, ମୋବାଇଲ୍ ନିର୍ଭରଶୀଳତା ଏବଂ ଏପରିକି ଆତ୍ମହତ୍ୟା ଚିନ୍ତାଧାରା ସହିତ ଲଢ଼ୁଛନ୍ତି । ବେଳେବେଳେ ନୀରବରେ ଚିତ୍କାର କରୁଛନ୍ତି, ତ କେତେବେଳେ ନିଶା ତଳେ ନିଜର ନିରବତାକୁ ଲୁଚାଇ ଦେଉଛନ୍ତି । ଅବସାଦ ଏବଂ ଉଦ୍‌ବେଗଠାରୁ ଆରମ୍ଭ କରି ନିଶା, ଆତ୍ମହତ୍ୟା ଏବଂ ହିଂସାତ୍ମକ ବିସ୍ଫୋରଣ ପର୍ଯ୍ୟନ୍ତ, ଆମର ଯୁବକମାନେ ଅଧିକରୁ ଅଧିକ ନୀରବ ଝଡ଼ର ଶିକାର ହୋଇଚାଲିଛନ୍ତି ।

ଯୁବପିଢ଼ିଙ୍କ ନିରବ ଚିତ୍କାରରେ ସ୍ତବ୍ଧ ସମାଜ

ଡକ୍ଟର ଅନ୍ତର୍ଜିତା ନାୟକ

ଭାରତରେ ୬୫୦ ନିୟୁତରୁ ଅଧିକ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ସହିତ ମୋବାଇଲ୍ ଫୋନ୍ ଆଜିକା ପିଢ଼ିର ଅମ୍ଳଜାନ ସ୍ୱରୂପ । ୨୦୨୩ ଏମ୍‌ସର ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ, ପ୍ରତି ୩ ଜଣ ଭାରତୀୟ ଯୁବକ ବା ଯୁବତୀଙ୍କ ମଧ୍ୟରୁ ଜଣେ କୌଣସି ନା କୌଣସି ପ୍ରକାରର ସ୍କ୍ରିନ୍ ଆସକ୍ତିରେ ପୀଡ଼ିତ, ଯାହା ନିଦ୍ରା, ଏକାଗ୍ରତା ଏବଂ ଆତ୍ମସମ୍ମାନକୁ ପ୍ରଭାବିତ କରିଥାଏ । ଅତ୍ୟଧିକ ସ୍କ୍ରିନ୍ ଏକ୍ସପୋଜର ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ। କିଶୋରାବସ୍ଥାରେ, ପ୍ରି-ଫ୍ରଣ୍ଟାଲ୍ କର୍ଟେକ୍ସ ବା ମସ୍ତିଷ୍କର ଅଗ୍ରଭାଗ, ଯାହା ଆବେଗ ନିୟନ୍ତ୍ରଣ, ଭାବପ୍ରବଣ ନିୟନ୍ତ୍ରଣ ଏବଂ ନିଷ୍ପତ୍ତି ନେବା ପାଇଁ ଦାୟୀ, ତାହା ସମ୍ପୂର୍ଣ୍ଣ ପରିପକ୍ୱତା ହାସଲ କରି ନଥାଏ। ଦୀର୍ଘ ସ୍କ୍ରିନ୍ ସମୟ ଏହାର ବିକାଶକୁ ଦୁର୍ବଳ କରିଥାଏ। ସ୍କ୍ରିନ୍ ଆସକ୍ତିର ମନୋସାମାଜିକ ପ୍ରଭାବ,ବ୍ୟକ୍ତିଗତ ମାନସିକ ସ୍ୱାସ୍ଥ୍ୟ ଠାରୁ ବହୁ ଦୂରରେ, ଆଚରଣଗତ ବିଚ୍ୟୁତି ଏବଂ ଅପରାଧରେ ପ୍ରବେଶ କରିଲାଣି । ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏବଂ ଗେମିଂ ପରିବେଶ ପ୍ରାୟତଃ ଆକ୍ରମଣାତ୍ମକ ଆଚରଣକୁ ସ୍ୱାଭାବିକ ବୋଲି ବ୍ୟାଖ୍ୟା କରିଥାଏ, ଯାହା ଯୁବକମାନଙ୍କୁ ହିଂସା ପ୍ରତି ସମ୍ବେଦନହୀନ କରିଥାଏ। ସେମାନଙ୍କୁ ସାଇବର ଧମକ ଓ ଡିଜିଟାଲ୍ ଶୋଷଣର ଶିକାର ମଧ୍ୟ କରିଥାଏ ।

ବିପଥଗାମୀ ଯୁବପିଢ଼ି

ଖୁବ୍ ଶୀଘ୍ର ଧନୀ ହେବା, ସହଜ ଉପାୟରେ ଅର୍ଥ କମାଇବା ଭଳି ମାନସିକତାରେ ପ୍ରେରିତ ଆଜିର ଯୁବପିଢ଼ି ଅନେକ ଅପରାଧରେ ଜଡ଼ିତ ଥିବାର ଜଣାପଡୁଛି। କ୍ଷତିକାରକ ଅନଲାଇନ୍ ଖେଳକୁ ଅନୁକରଣ କରିବା ପାଇଁ ମଧ୍ୟ ଆଜିର ଯୁବପିଢ଼ି ଲାଳାୟିତ। ଆମ ଚାରିପଟେ ଘଟୁଥିବା ଅନେକ ହୃଦୟବିଦାରକ ମାମଲା ମୋବାଇଲ୍ ଅପବ୍ୟବହାର ଏବଂ ହିଂସାତ୍ମକ ଆଚରଣ ମଧ୍ୟରେ ଏକ ଶୀତଳ ଛେଦନକୁ ପ୍ରକାଶ କରେ, ଯେପରି ଜଣେ ୧୬ ବର୍ଷର ବାଳକ ଅନଲାଇନ୍ ଖେଳ ନିଶା ଉପରେ ଆପତ୍ତି ଉଠାଇବା ଯୋଗୁଁ ତା' ମାଆକୁ ହତ୍ୟା କରିଥିବା ଏବଂ ମୋବାଇଲ୍ ଫୋନ୍ ସମ୍ବନ୍ଧୀୟ ଝଗଡ଼ା ପରେ ଦୁଇ ଜଣ କିଶୋର ଜଣେ ବନ୍ଧୁଙ୍କୁ ହତ୍ୟା କରିଥିବା ଅଭିଯୋଗ ସାମନାକୁ ଆସୁଛି। ଧୀରେ ଧୀରେ ସେଇ ମୋବାଇଲ୍ ନିଶା କେତେବେଳେ ମାନସିକ ଅସୁସ୍ଥତାରେ ପରିଣତ ହୋଇଯାଏ, ତାହା ଜଣାପଡ଼େ ନାହିଁ । ଆଜିକାଲି ମୋବାଇଲ୍ ନିଶା ଏତେ ହେଲାଣି ଯେ, ମୋବାଇଲ୍ ଲାଗି ମାରିବାକୁ କି ମରିବାକୁ ଆଜିର ଯୁବପିଢ଼ି ଥରେରୁ ଦୁଇଥର ମଧ୍ୟ ଭାବୁ ନାହାନ୍ତି, ମାରିବା ଆଗରୁ ସମ୍ପର୍କକୁ ଚିହ୍ନୁ ନାହିଁ, ମରିବା ଆଗରୁ ଜୀବନର ମୂଲ୍ୟବୋଧକୁ ବୁଝି ପାରୁ ନାହିଁ । ପୂର୍ବରୁ, ପିଲାଟିର କଥା ଶୁଣିବାକୁ ଜେଜେବାପା-ଜେଜେମା, ଖେଳିବା ପାଇଁ ସମ୍ପର୍କୀୟ ଏବଂ ପଡ଼ୋଶୀ ଘର ସାଙ୍ଗ ସାଥି ଥିଲେ ଯେଉଁମାନେ କୌଣସି ଥେରାପିସ୍ଟଠାରୁ କମ୍ ନ ଥିଲେ। ହେଲେ ଆଜି ଏଇ ସବୁ ଆଉ ନାହିଁ । ସହରାଞ୍ଚଳ ଏବଂ ଦ୍ରୁତ ଗତିରେ ଗତିଶୀଳ ପରିବାରଗୁଡ଼ିକରେ, ଆବେଗିକ ସାକ୍ଷରତାର ଅଭାବ ରହୁଛି । ଆଜିକାଲି ଘରେ କେବଳ ଲୋକ ରହୁଛନ୍ତି, ଗୋଟିଏ ପରିବାର ନୁହେଁ। ଘରେ, ଆବେଗିକ ଯନ୍ତ୍ରଣାକୁ କ୍ୱଚିତ୍ ସ୍ୱୀକାର କରାଯାଏ ।

ମାନସିକ ସ୍ୱାସ୍ଥ୍ୟ ସମସ୍ୟା

୨୦୧୯ରେ କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡିଛି ଯେ, ପ୍ରାୟ ୮୦% ଭାରତୀୟ ପିତାମାତା ବିଶ୍ୱାସ କରନ୍ତି ଯେ, ମାନସିକ ସ୍ୱାସ୍ଥ୍ୟ ସମସ୍ୟା କେବଳ ଏକ 'ଧ୍ୟାନ-ଆକର୍ଷଣ କରିବାର ଆଚରଣ' କିମ୍ବା 'ଅସ୍ଥାୟୀ ଦୁଃଖ' । ଇଣ୍ଡିଆନ୍ ଜର୍ଣ୍ଣାଲ୍ ଅଫ୍ ସାଇକିଆଟ୍ରି ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଭାରତରେ ୭୦% ପିତାମାତା ସ୍ୱୀକାର କରିବାକୁ ରାଜି ନୁହଁନ୍ତି ଯେ, ସେମାନଙ୍କ ପିଲାର ମାନସିକ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ । ସାଧାରଣ ଭାବରେ ପିତାମାତାଙ୍କର ଏହା ଧାରଣା ଥାଏ ଯେ, ପିଲାଟା ତ ଖାଉଛି, ସ୍କୁଲ ଯାଉଛି, ପାଠପଢୁଛି, ଯାହା ଦରକାର ସବୁ ତ ତାକୁ ଦିଆଯାଉଛି, ତେବେ ମାନସିକ ସ୍ୱାସ୍ଥ୍ୟ କାହିଁକି ବା ଅସୁସ୍ଥ ହେବ? ଏକ 'ଆଦର୍ଶ ପରିବାର'ର ଭ୍ରମକୁ ବଜାୟ ରଖିବାର ଚାପରେ ପିତାମାତା ପ୍ରାୟତଃ ପିଲାର ପ୍ରକୃତ ଭାବପ୍ରବଣ ଆବଶ୍ୟକତାକୁ ଦେଖିପାରନ୍ତି ନାହିଁ କି ବୁଝିପାରନ୍ତି ନାହିଁ । ଏଭଳି ସାମାଜିକ ନିୟମାବଳୀ, କଟକଣା ଭିତରେ ପିଲାମାନେ ତାଙ୍କର ମନର ଅସୁସ୍ଥତାକୁ ପ୍ରକାଶ କରି ପାରନ୍ତି ନାହିଁ, କି ସେଇ ବାବଦରେ କାହାକୁ ସାହାଯ୍ୟ ମାଗି ପାରନ୍ତି ନାହିଁ । ଆବେଗିକ ଜ୍ଞାନର ଶିକ୍ଷା କ୍ୱଚିତ୍ ଦିଆଯାଏ ଏବଂ ଆହୁରି କ୍ୱଚିତ୍ ତାହାକୁ ଉତ୍ସାହିତ କରାଯାଏ । ଏହି ପରିସ୍ଥିତି, ଆହୁରି ସଙ୍କଟାପନ୍ନ ହୋଇଯାଏ, ଯେତେବେଳେ ମାତା-ପିତା ଉଭୟ କର୍ମଜୀବୀ ଥାଆନ୍ତି । ମାନସିକ ସୁସ୍ଥତାକୁ ଅଣଦେଖା କରିବାର ମୂଲ୍ୟ ପିଢ଼ି ପରେ ପିଢ଼ିର ଆର୍ଥିକ ବୋଝରେ ପରିଣତ ହୋଇଥାଏ ।

ଆବେଗଜନିତ ଅପରାଧ

ସାମାଜିକ ଗଣମାଧ୍ୟମ, ଡେଟିଂ ଆପ୍‌ର ବିସ୍ଫୋରଣ ସହିତ, ଆଜିର ଯୁବପିଢ଼ି ଅତି କମ୍ ବୟସରେ ପ୍ରେମ ପ୍ରତି ଅଧିକରୁ ଅଧିକ ଉନ୍ମୁକ୍ତ ହେଉଛନ୍ତି । ଯୁବ ବୟସ୍କମାନେ ପ୍ରାୟତଃ ପ୍ରେମକୁ ବୈଧତା ଏବଂ ପରିଚୟ ସହିତ ସମାନ କରନ୍ତି । ପ୍ରତ୍ୟାଖ୍ୟାନ, ବିଶ୍ୱାସଘାତକତା କିମ୍ବା ଭୁଲ ବୁଝାମଣା କାରଣରୁ ଯେତେବେଳେ ଏହି ସମ୍ପର୍କଗୁଡ଼ିକ ଭାଙ୍ଗି ଯାଇଥାଏ, ସେତେବେଳେ ଏହା ମୂଲ୍ୟହୀନତା, ଅପମାନ ଏବଂ ପରିତ୍ୟାଗର ଭାବନା ସୃଷ୍ଟି କରିଥାଏ । ଫଳରେ ଯାହାକୁ ସମ୍ଭାଳିବାରେ ଯୁବପିଢ଼ି ଅସମର୍ଥ ହୋଇଥାନ୍ତି । ନ୍ୟାସନାଲ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ, ୨୦୨୩ ରିପୋର୍ଟ ଅନୁଯାୟୀ, ୧୨,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଥିଲେ, ଯେଉଁଥିରୁ ଅନେକ ମାମଲା ବିଫଳ ପ୍ରେମ ସମ୍ପର୍କ, ପରୀକ୍ଷା ଚାପ କିମ୍ବା ସାମାଜିକ ଚାପ ସହିତ ଜଡ଼ିତ । ଭାରତରେ ଏସିଡ୍ ଆକ୍ରମଣ, ହତ୍ୟା, ଅପହରଣ ଏବଂ ଆକ୍ରମଣ ସମେତ 'ଆବେଗଜନିତ ଅପରାଧ' ବୃଦ୍ଧି ପାଉଛି, ଯାହା ପ୍ରାୟତଃ ବିଫଳ ପ୍ରେମ, ପ୍ରତ୍ୟାଖ୍ୟାନ କିମ୍ବା ଈର୍ଷା ଦ୍ୱାରା ସଂରଚିତ । ସମ୍ପର୍କର ବିଫଳତା ଜୀବନର ଶେଷ ନୁହେଁ । ଅବସାଦ ଦୁର୍ବଳତା ମଧ୍ୟ ନୁହେଁ । ତାହା ନିମନ୍ତେ ଚିକିତ୍ସା ଖୋଜିବା ଲଜ୍ଜାଜନକ ନୁହେଁ । କିନ୍ତୁ ଯେ ପର୍ଯ୍ୟନ୍ତ ସମାଜ ଭାବନାତ୍ମକ ସ୍ୱାସ୍ଥ୍ୟ ବିଷୟରେ ଏହାର ବୁଝାମଣା ବିକଶିତ କରିବ ନାହିଁ, ଆମେ ଆବେଗପୂର୍ଣ୍ଣ ନିଷ୍ପତ୍ତି ଏବଂ ଅନୁପଚାରିତ ଯନ୍ତ୍ରଣା ଦ୍ୱାରା ହରାଇଥିବା ଉଜ୍ଜ୍ୱଳ ଯୁବ ଜୀବନକୁ ହରାଇ ଚାଲିଥିବା । ଭାରତୀୟ ଯୁବପିଢ଼ି ଭାବନାତ୍ମକ ବିଶୃଙ୍ଖଳା ଏବଂ ସମ୍ଭାବ୍ୟ ଉଜ୍ଜ୍ୱଳତାର ସୀମାରେଖାରେ ଛିଡ଼ା । ଏକ ଶକ୍ତିଶାଳୀ ରାଷ୍ଟ୍ର ଆବେଗିକ ଭାବେ ଭାଙ୍ଗି ଯାଇଥିବା ଲୋକମାନଙ୍କ ଦ୍ୱାରା ନିର୍ମିତ ହୋଇନଥାଏ, ବରଂ ସହନଶୀଳ ହୃଦୟ, ସ୍ଥିର ମନ ଏବଂ ସମର୍ଥିତ ସ୍ୱପ୍ନ ଦ୍ୱାରା ନିର୍ମିତ ହୋଇଥାଏ ।

ପ୍ରଭାବିତ ଅର୍ଥନୀତି

ଭାରତର ଜନସଂଖ୍ୟାର ପ୍ରାୟ ୩୪% ଯୁବକ । ଯୁବପିଢ଼ିଙ୍କ ଆତ୍ମହତ୍ୟା ବୃଦ୍ଧି କେବଳ ଏକ ସାମାଜିକ ଓ ସାଂସ୍କୃତିକ ସଙ୍କଟର ସଙ୍କେତ ଦିଏ ନାହିଁ, ବରଂ ଦେଶର ଅର୍ଥନୈତିକ ଏବଂ ବିକାଶ ଆକାଂକ୍ଷା ପାଇଁ ଏକ ଅପୂରଣୀୟ କ୍ଷତି ମଧ୍ୟ । ମାନବ ପୁଞ୍ଜିର ବିକାଶରେ ଯୁବପିଢ଼ି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିନିଧିତ୍ୱ କରନ୍ତି । ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସହିତ ସେମାନଙ୍କର ଉତ୍ପାଦନକ୍ଷମ ବର୍ଷ, ଦେଶର ଅର୍ଥନୀତିରେ ସେମାନଙ୍କ ଉତ୍ପାଦନ କ୍ଷମତାର ଯୋଗଦାନ ଓ ଦେଶର ଜନସଂଖ୍ୟା ଲାଭାଂଶହାନୀ ପାଏ । ବିଶ୍ୱବ୍ୟାଙ୍କର ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, କୁଶଳୀ ଯୁବକମାନଙ୍କ ଅକାଳ ମୃତ୍ୟୁ ହେତୁ ଭାରତର ଜିଡିପି କୋଟି କୋଟି ଟଙ୍କା ହରାଇପାରେ । ଛାତ୍ରଛାତ୍ରୀମାନେ ବା ଆମ କର୍ମକ୍ଷମ ଯୁବପିଢ଼ି ହେଲେ ଦେଶର ପୁଞ୍ଜି । ଯଦି ଦେଶର ଉଜ୍ଜ୍ୱଳ ଏବଂ ଯୋଗ୍ୟ ଛାତ୍ରଛାତ୍ରୀ ଓ ଯୁବକମାନେ ମାନସିକ ଅବସାଦରେ ରୁହନ୍ତି ବା ଆତ୍ମହତ୍ୟା କରନ୍ତି, ତେବେ ଉତ୍ପାଦନକାରୀ ଶ୍ରମ ଏବଂ ଅଣ-ଉତ୍ପାଦକ ଗ୍ରାହକଙ୍କ ମଧ୍ୟରେ ଅସନ୍ତୁଳନ ଦେଖାଦେବ । ଯାହା ଦେଶର ଅର୍ଥନୀତି ଲାଗି ଏକ ଶୁଭ ସଂକେତ ନୁହେଁ । ଆର୍ଥିକ ଦୃଷ୍ଟିକୋଣରୁ, ଯୁବ ଆତ୍ମହତ୍ୟା ସହିତ ଶ୍ରମଶକ୍ତି, ନବସୃଜନତା ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଅବଦାନ ସ୍ଥାୟୀ ଭାବେ ସମାପ୍ତ ହୋଇଯାଏ । ମାନସିକ ଅବସାଦ ଓ ଅକାଳ ଜୀବନହାନି, ଘରୋଇ ଆୟକୁ ହ୍ରାସ କରିଥାଏ ଏବଂ ଆର୍ଥିକ କାର୍ଯ୍ୟକଳାପକୁ ହ୍ରାସ କରି ଏକ ତରଙ୍ଗ ପ୍ରଭାବ ସୃଷ୍ଟି କରେ, ଯାହା ସ୍ଥାନୀୟ ଏବଂ ଜାତୀୟ ଅର୍ଥନୀତିକୁ ପ୍ରଭାବିତ କରେ ।

ମାନସିକ ସ୍ୱାସ୍ଥ୍ୟ ଶିକ୍ଷା

ମାନସିକ ସ୍ୱାସ୍ଥ୍ୟ ଶାରୀରିକ ସ୍ୱାସ୍ଥ୍ୟ ସହିତ ସମାନ । ତାହା ଆଖିକି ଦେଖା ଯିବା କଷ୍ଟ, ହେଲେ ଅଣଦେଖା କରିବା ଅତ୍ୟନ୍ତ ବିପଦଜନକ । ବିଦ୍ୟାଳୟଗୁଡ଼ିକ ମାନସିକ ସ୍ୱାସ୍ଥ୍ୟ ଶିକ୍ଷାକୁ ପାଠ୍ୟକ୍ରମରେ ସାମିଲ କରିବା ଆବଶ୍ୟକ । ସହକର୍ମୀ ପରାମର୍ଶଦାତା, ନିରାପଦ ସ୍ଥାନ, ଏବଂ ବୃତ୍ତିଗତ ମନୋବିଜ୍ଞାନୀମାନେ, ଶିକ୍ଷକ ବା ଡାକ୍ତରଙ୍କ ପରି ସାଧାରଣ ହେବା ଉଚିତ୍, ଯାହାଙ୍କ ପାଖକୁ ଯିବାରେ କୌଣସି ସଂକୋଚ ରହିବ ଉଚିତ ନୁହେଁ । ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମନୋଦର୍ପଣ ଭଳି ଅଭିଯାନ ଏକ ଭଲ ଆରମ୍ଭ, କିନ୍ତୁ ସଚେତନତା ସ୍ଥାନୀୟ, ନିରନ୍ତର ଏବଂ ସାଂସ୍କୃତିକ ଦୃଷ୍ଟିରୁ ସମ୍ବେଦନଶୀଳ ହେବା ଆବଶ୍ୟକ । ଆମକୁ ଏପରି ଶିକ୍ଷା ବ୍ୟବସ୍ଥା ଦରକାର ଯାହା ଯୁବପିଢ଼ିକୁ କେବଳ ପରୀକ୍ଷା ପାଇଁ ନୁହେଁ; ବରଂ ଜୀବନ ପାଇଁ ପ୍ରସ୍ତୁତ କରୁଥିବ । ଭାବନାତ୍ମକ ବୁଦ୍ଧି, ସୃଜନଶୀଳତା, ଆତ୍ମ ସଚେତନତା, ଆର୍ଥିକ ସାକ୍ଷରତା ଏବଂ ଚେତନାକୁ ମୁଖ୍ୟଧାରର ପାଠ୍ୟକ୍ରମରେ ଯୋଡ଼ିବା ଆବଶ୍ୟକ । ମାନସିକ ସୁସ୍ଥତା ଜନିତ ସଚେତନତା କର୍ମଶାଳା ପିତାମାତାଙ୍କ ଲାଗି ମଧ୍ୟ ଆୟୋଜନ କରାଯିବା ଦରକାର । ପିଲା ଏବଂ ଯୁବକମାନଙ୍କୁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କିପରି କରିବାକୁ ହେବ, ତାହା ଶିଖାଇବାକୁ ପଡ଼ିବ । ବିଦ୍ୟାଳୟ ଗୁଡ଼ିକ ଡିଜିଟାଲ୍ ନୈତିକତା, ସ୍କ୍ରିନ୍-ଟାଇମ୍ ମ୍ୟାନେଜମେଣ୍ଟ ଏବଂ କ୍ରିଟିକାଲ୍ ଥିଙ୍କିଙ୍ଗ୍ ପାଠ୍ୟକ୍ରମ ଆରମ୍ଭ କରିବା ଉଚିତ । ସଙ୍ଗୀତ, ଥିଏଟର, କବିତା କିମ୍ବା ନୃତ୍ୟ ମାଧ୍ୟମରେ ସୃଜନଶୀଳ ଅଭିବ୍ୟକ୍ତି ଯୁବକମାନଙ୍କୁ ଏକ ସୁସ୍ଥ ଭାବପ୍ରବଣତା ପ୍ରଦାନ କରିଥାଏ । ଯୋଗ, ଧ୍ୟାନ ଏବଂ ଆଧ୍ୟାତ୍ମିକ ଅଭ୍ୟାସ ମାନସିକ ଚାପ ହ୍ରାସ କରିବା, ଧ୍ୟାନ ବୃଦ୍ଧି କରିବା ଏବଂ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ବୈଜ୍ଞାନିକ ଭାବରେ ପ୍ରମାଣିତ ।

କ୍ୟାରିଅର ଚିନ୍ତା, ନିଶା ସେବନ

ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ୭୦ % ଭାରତୀୟ ଯୁବକ ସେମାନଙ୍କ କ୍ୟାରିଅରକୁ ନେଇ ଅନିଶ୍ଚିତ ଅନୁଭବ କରନ୍ତି । ସ୍ୱପ୍ନ ସଙ୍କୁଚିତ ହେଉଥିବାବେଳେ, ଆଶା ବୃଦ୍ଧି ପାଉଛି । ପ୍ରତିଯୋଗିତା ଗଳାକଟା ଏବଂ ବିଫଳତା ନିର୍ବାସନ ପରି ଅନୁଭବ ହୁଏ । ଜୀବନ ଓ ଜୀବିକା ଦୌଡ଼ରେ ହାରିଯାଇ, କେତେବେଳେ ଯୁବକ ନିଶା ତ କେତେବେଳେ ଅବସାଦର ଶିକାର ହୁଅନ୍ତି । ଆମ ଶିକ୍ଷା ବ୍ୟବସ୍ଥା ଡିଗ୍ରୀ ତ ଦେଇପାରେ, କିନ୍ତୁ ପ୍ରକୃତରେ ଶିକ୍ଷିତ କରାଇପାରେନି କି ଜ୍ଞାନର ଆଲୋକ ସଂଚାର କରିପାରେ ନାହିଁ । ସେଇ ଶିକ୍ଷାର ଅଜ୍ଞାନତାରେ ଆଜିର ଯୁବକ ଜୀବନର ମୂଲ୍ୟବୋଧ, ମାନବିକତା, ଓ ସଠିକ୍ ଦିଗ ହରାଉଛନ୍ତି । ଆଜି ସ୍କୁଲ ଶୌଚାଳୟରେ, କଲେଜ ଫାଟକ ବାହାରେ, ହଷ୍ଟେଲ ରୁମ୍‌ରେ ଡ୍ରଗ୍ସ ବେପାର । ଏକ ତଥ୍ୟ ଅନୁସାରେ, ଭାରତରେ ୨୫ ବର୍ଷରୁ କମ୍ ବୟସର ୩ କୋଟିରୁ ଅଧିକ ନିଶାଦ୍ରବ୍ୟ ବ୍ୟବହାରକାରୀ ଅଛନ୍ତି । ସେଇ ନିଶା ସେବନ ସହିତ ବଢ଼ୁଛି ଅନ୍ୟ ସମସ୍ୟା ଯେପରି ଗଣଦୁଷ୍କର୍ମ, ଯୌନ ଆକ୍ରମଣ, ହତ୍ୟା ଓ ଲୁଟ୍ ପାଟ୍ । ନିଶାଦ୍ରବ୍ୟ ମସ୍ତିଷ୍କ ରସାୟନରେ ପରିବର୍ତ୍ତନ ଆଣିଥାଏ, ବିଚାର, ସ୍ମୃତିଶକ୍ତି, ନିଷ୍ପତ୍ତି ଗ୍ରହଣ ଏବଂ ଆବେଗିକ ନିୟନ୍ତ୍ରଣକୁ ଦୁର୍ବଳ କରିଥାଏ । ଏହା ଆବେଗପ୍ରବଣତା, ଆକ୍ରମଣାତ୍ମକତା, ପାଗଳାମି, ଅବସାଦ ଏବଂ ଆତ୍ମହତ୍ୟା ପ୍ରବୃତ୍ତି ଆଡ଼କୁ ନେଇଯାଏ । ଏହି ପରିବର୍ତ୍ତନଗୁଡ଼ିକ ନିଶାସକ୍ତ ବ୍ୟକ୍ତିଙ୍କ ପାଇଁ ଅର୍ଥପୂର୍ଣ୍ଣ ସମ୍ପର୍କରେ ନିୟୋଜିତ ହେବା କିମ୍ବା ଚାକିରି କରିବାରେ କଷ୍ଟକର ହୋଇଥାଏ ।

ସହାନୁଭୂତି, ଶିକ୍ଷା ଏବଂ ଆନ୍ତରିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଆମେ ଆମ ଯୁବପିଢ଼ିଙ୍କୁ ଅବହେଳାରୁ ମୁକ୍ତ କରିପାରିବା । ଚାଲ ଆମେ ଅଧିକ ଶୁଣିବା, କମ୍ ବିତର୍କ କରିବା । ଆସନ୍ତୁ ଆମେ ଏପରି ଏକ ବିଶ୍ୱ ନିର୍ମାଣ କରିବା, ଯେଉଁଠାରେ ଯୁବକମାନେ ନିରାପଦ ଅନୁଭବ କରିବେ, ଉନ୍ନତ ହେବା ପାଇଁ ଅନୁପ୍ରାଣିତ ହେବେ ଏବଂ ନିଜକୁ ସଶକ୍ତ କରିବେ । ପଥଭ୍ରଷ୍ଟ ଯୁବପିଢ଼ି କେବେ ଭବିଷ୍ୟତର ପଥପ୍ରଦର୍ଶକ ହୋଇପାରିବେ ନାହିଁ । ଆମେ ହେଲୁ ବର୍ତ୍ତମାନର ପଥ ନିର୍ଦ୍ଧାରକ, ଯେଉଁଥିରେ ଆମର ପରମ କର୍ତ୍ତବ୍ୟ ହେଲା ଯୁବପିଢ଼ିଙ୍କୁ ପଥଚ୍ୟୁତ ହେବାରୁ ବଞ୍ଚାଇ ସଠିକ୍ ପଥ ଦେଖାଇବାରେ ସାହାଯ୍ୟ କରିବା ।

ଡକ୍ଟର କଳ୍ପନା ସାହୁ

ଯୁବପିଢ଼ି ଓ ନୈତିକ ଶିକ୍ଷା

ସାରା ବିଶ୍ୱରେ ଯୁବପିଢ଼ିଙ୍କ ଭିତରେ ଅନେକ ଉତ୍ସାହ, ସମ୍ଭାବନା ବୃଦ୍ଧି ପାଇବାରେ ଲାଗିଛି । ଭାରତର ଯୁବପିଢ଼ି ବିଶ୍ୱର ଭବିଷ୍ୟତକୁ ପରିବର୍ତ୍ତନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଏହା ଆମର ଦ୍ରୁତ ଅର୍ଥନୀତିର ବୃଦ୍ଧିକୁ ଆହୁରି ସୁଦୃଢ଼ କରିବାରେ ସାହାଯ୍ୟ କରୁଛି । ତେବେ ବର୍ତ୍ତମାନର ଯୁବଗୋଷ୍ଠୀ ମଧ୍ୟରେ ଏକ ବ୍ୟାପକ ପରିବର୍ତ୍ତନ ମଧ୍ୟ ଆସିଛି । ସମାନ୍ତରାଳ ଭାବରେ ଯୁବପିଢ଼ିଙ୍କ ମଧ୍ୟରେ ଅବସାଦ ଏବଂ ଚିନ୍ତା ଅଭୂତ ସ୍ତରରେ ପହଞ୍ଚିଛି । ଯୁବପିଢ଼ିଙ୍କ ମଧ୍ୟରେ ନୈତିକତା ଏବଂ ନୀତିଶାସ୍ତ୍ରର ହ୍ରାସ ଆଂଶିକ ଭାବରେ ଶିକ୍ଷାଗତ ପ୍ରଣାଳୀର ପରିବର୍ତ୍ତନକୁ ମଧ୍ୟ ଦାୟୀ କରାଯାଇପାରେ । ପୂର୍ବରୁ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ଭିତରେ ଶୃଙ୍ଖଳା ଏବଂ ନୈତିକ ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ । ଏବେ ମୁଖ୍ୟତଃ ଶିକ୍ଷାଗତ ଲକ୍ଷ୍ୟ ପୂରଣ କରିବା ଉପରେ ଧ୍ୟାନ ଦେଉଛନ୍ତି । ଶୃଙ୍ଖଳା ଓ ନୀତିଶାସ୍ତ୍ର ମଧ୍ୟରେ ଏହି ବିଚ୍ଛିନ୍ନତା ଯୁବପିଢ଼ି ମଧ୍ୟରେ ନୈତିକ ମାନଦଣ୍ଡର କ୍ଷୟକୁ ଆହୁରି ତୀବ୍ର କରୁଛି । ଏହାଛଡ଼ା ବହୁଳ ସାମାଜିକ ଗଣମାଧ୍ୟମର ବ୍ୟବହାର, ଅବସାଦ, ଚିନ୍ତା, ଆତ୍ମହତ୍ୟା, ଆତ୍ମକ୍ଷତି, ହରାଇବାର ଭୟ (FOMO), ସାଇବରବୁଲିଂ ଏବଂ ଅନ୍ୟାନ୍ୟ ଯୌନ ଉତ୍ପୀଡ଼ନର ଶୀକାର ହେଉଛନ୍ତି । ଏହା କେବଳ ନିରାଶା ଓ ଚିନ୍ତାକୁ କ୍ଷତିଗ୍ରସ୍ତ କରୁନାହିଁ, ବରଂ ମାନସିକ ସ୍ୱାସ୍ଥ୍ୟକୁ ଖରାପ କରିଦେଉଛି । ଯେହେତୁ କିଶୋର ଏବଂ ଯୁବପିଢ଼ି ସୋସିଆଲ୍ ମିଡିଆରେ ସବୁଠାରୁ ଅଧିକ ସକ୍ରିୟ, ଅନ୍ୟପକ୍ଷରେ ସେମାନେ ନିଜ ଭିତରେ ଏକାକୀ ଅନୁଭବ କରନ୍ତି । ଚିନ୍ତା ଓ ଅବସାଦ ଛଡ଼ା ମାନବିକ ଗୁଣ ଯଥା – ଧୈର୍ଯ୍ୟ, ଶୁଣିବାର ଶକ୍ତି, ବିଚାର କରିବାର କ୍ଷମତା ମଧ୍ୟ ହରାଇ ବସିଛନ୍ତି । ଆମ ଦେଶର ଶତକଡ଼ା ୨୦-୪୦ ଯୁବବର୍ଗ ଇଣ୍ଟରନେଟ୍ ନିଶାରେ ଜଡ଼ିତ ।

ସୋସିଆଲ୍ ମିଡିଆର ପ୍ରଭାବ

ଆଜିର ଯୁବପିଢ଼ି ପ୍ରାୟତଃ ବହୁଳ ଇଣ୍ଟରନେଟ୍ ବ୍ୟବହାର କରୁଥିବାରୁ, ସେମାନଙ୍କର ସାମାଜିକ ପାରସ୍ପରିକ କ୍ରିୟାକଳାପ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରଭାବିତ ହୋଇଥାଏ । ଏପରି ମଧ୍ୟ ଦେଖାଯାଇଛି ଯେ, ଯୁବପିଢ଼ି ଅନ୍ୟମାନଙ୍କର ନକାରାତ୍ମକ ମୂଲ୍ୟାଙ୍କନ ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି । ନିଜର ମୂଲ୍ୟାଙ୍କନରେ ଅଧିକ ଭାବପ୍ରବଣ ହୋଇ ସାମାଜିକ ଦକ୍ଷତା ହରାଇ ବସନ୍ତି । ସମୟ ସମୟରେ ଯୁବ ବୟସ୍କମାନଙ୍କ ମଧ୍ୟରେ ସାମାଜିକ ତୁଳନାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ସେମାନେ ସୋସିଆଲ୍ ମିଡିଆରେ ସକ୍ରିୟ ହୋଇ ନିଜର ସମୟ ନଷ୍ଟ କରନ୍ତି । ତେବେ ବାସ୍ତବ ଜଗତରେ ନିଜ ଘର, ବନ୍ଧୁବାନ୍ଧବ ଓ ପଡ଼ୋଶୀମାନଙ୍କୁ ପାସୋରି ଦିଅନ୍ତି । ଆଜିର ଯୁବପିଢ଼ି ଅନ୍ୟମାନଙ୍କ ସହ ସଂପର୍କ ଯୋଡ଼ି ରଖିବା ଓ ଏହି ସଂପର୍କକୁ ଆଗକୁ ନେଇ ଚାଲିବାରେ ଅକ୍ଷମତା ପ୍ରକାଶ କରନ୍ତି । ଯଦିଓ ସୋସିଆଲ୍ ମିଡିଆ ଯୋଗୁଁ ଯୋଗାଯୋଗର ପ୍ରକ୍ରିୟା ସକ୍ରିୟ ହୁଏ, କିନ୍ତୁ ଯୁବପିଢ଼ି ଆଜିକାଲି ଏକାକୀ ଅନୁଭବ କରୁଛନ୍ତି । ବର୍ତ୍ତମାନ ଯୁବପିଢ଼ି ବାସ୍ତବ ଜୀବନରୁ ଦୂରେଇ ଯାଉଛନ୍ତି । ଆଜିର ପଥଭ୍ରଷ୍ଟ ଯୁବପିଢ଼ି ନିମ୍ନଗାମୀ ସାମାଜିକ ତୁଳନାରେ ନିଜକୁ ନିମଗ୍ନ ରଖନ୍ତି, ଅନ୍ୟମାନଙ୍କ ସହିତ ତୁଳନା ଯୋଗୁଁ, ନିଜ ମଧ୍ୟରେ ଆତ୍ମବିଶ୍ୱାସର ମଧ୍ୟ ଅଭାବ ଦେଖାଯାଏ ।

ସୋସିଆଲ୍ ମିଡିଆ ପ୍ଲାଟଫର୍ମଗୁଡ଼ିକ ଲାଇକ୍, ସେୟାର୍, ମନ୍ତବ୍ୟ ଏବଂ ଅନୁସରଣକାରୀ ଭଳି ବୈଧତା ଯନ୍ତ୍ର ଉପରେ ନିର୍ଭର କରନ୍ତି । ଏହାକୁ ଯୁବପିଢ଼ି ବ୍ୟବହାର କରି ସନ୍ତୋଷ ପାଆନ୍ତି । ଯାହା ମସ୍ତିଷ୍କର Dopamine ପ୍ରକ୍ରିୟାକୁ ବଢ଼ାଇ ଥାଏ । ଏହା ନିଶାଜନକ ହୋଇପାରେ । ଯୁବପିଢ଼ି ଭର୍ଚୁଆଲ ସଂଯୋଗ ଓ ବାସ୍ତବ ସଂଯୋଗ ଭିତରେ ପ୍ରଭେଦ ବୁଝି ପାରନ୍ତି ନାହିଁ । ଏହା 'ଅଦମ୍ୟ ଲାଳସା' ବା Craving କୁ ଜନ୍ମ ଦିଏ ।

ବିକୃତ ଆଚରଣ ପ୍ରଦର୍ଶନ

ଯୁବପିଢ଼ି ନିଜର ସମୟ, ସୁଯୋଗ ଓ ଶକ୍ତିକୁ ସୁଚାରୁରୂପେ ବିନିଯୋଗ ନ କରିବା ଯୋଗୁଁ ସର୍ବଦା ସଙ୍କଟମୟ ପରିସ୍ଥିତିରେ ରହୁଛନ୍ତି । ଦୋଳନ, ଅସ୍ଥିରତା, ଅନିଶ୍ଚିତତାର ଏକ ସମୟ ଦେଇ ଗତି କରୁଛନ୍ତି । ଏହାର ସମନ୍ୱୟ ରକ୍ଷା ନ କରିପାରିଲେ ସେମାନେ ଆତ୍ମହତ୍ୟା ଓ ନିରାଶର ବଶବର୍ତ୍ତୀ ହେଉଛନ୍ତି । କେତେକ କ୍ଷେତ୍ରରେ ସେମାନେ ଅପରାଧିକ କାର୍ଯ୍ୟ ଓ ଅନ୍ୟାନ୍ୟ ବିକୃତ କାର୍ଯ୍ୟରେ ମଧ୍ୟ ଲିପ୍ତ ରୁହନ୍ତି । ମାତ୍ରାଧିକ ପରିମାଣରେ ଉଦ୍‌ବେଗ, ଅତିମାତ୍ରାରେ ଅସ୍ୱାଭାବିକତା ଯୌନ

ବ୍ୟବହାର ପରି ବିକୃତ ଆଚରଣ ପ୍ରକାଶ ପାଏ ।

ଯୁବଗୋଷ୍ଠୀ ଯେତେବେଳେ ପଥଭ୍ରଷ୍ଟ ହୁଏ, ସେତେବେଳେ ଏହା ଆମ୍ଭ ସମସ୍ତଙ୍କର ସାମାଜିକ ଦାୟିତ୍ୱ ଅଟେ, ସେମାନେ କିଭଳି ଭାବରେ ସମାଜରେ ସୁସ୍ଥ ଓ ସମ୍ମାନର ସହ ବଞ୍ଚିବେ । କେତେକ କ୍ଷେତ୍ରରେ ଦେଖା ଯାଇଛି ଯେ, ପିତାମାତାଙ୍କର ପରିଚାଳନାଗତ ତ୍ରୁଟି ଏବଂ ପିଲାମାନଙ୍କୁ ଶୃଙ୍ଖଳିତ କରିବାର ବିଚ୍ୟୁତି । ଗବେଷଣାରୁ ସ୍ପଷ୍ଟ

ଦେଖାଯାଇଛି ଯେ, ଯୁବ ଅପରାଧ ଦର୍ଶାଉଥିବା କିଶୋରକିଶୋରୀମାନଙ୍କର ଅଭିଭାବକମାନେ ସେମାନଙ୍କର ପିଲାମାନେ କ'ଣ କରୁଛନ୍ତି ଏବଂ କାହା ସହ ସମୟ କାଟୁଛନ୍ତି, ସେସବୁର ଖୋଜଖବର ରଖନ୍ତି ନାହିଁ । ପିଲାଙ୍କ ସାଙ୍ଗମାନଙ୍କର ନାମ ଓ ସୂଚନା ବିଷୟରେ ସେମାନେ ଅଜ୍ଞ ଥାଆନ୍ତି । ଅନ୍ୟ ଏକ କାରଣ ମଧ୍ୟ ପିଲାମାନଙ୍କ ଉପରେ ବାପାମାଆଙ୍କର ପାଠପଢ଼ାର ଚାପ ଥାଏ । ନିଜ ପିଲାର ଫଳାଫଳ ସହ ଅନ୍ୟ ପିଲାମାନଙ୍କର ପରୀକ୍ଷାର ଫଳାଫଳକୁ ନେଇ ଆଲୋଚନା କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥାଏ । ଅନେକ କ୍ଷେତ୍ରରେ ପ୍ରୋତ୍ସାହନ ବଦଳରେ ତୁଳନା କରିବା ମଧ୍ୟ ଯୁବପିଢ଼ି ପାଇଁ ଏକ ସମସ୍ୟା ସୃଷ୍ଟି କରେ ।

ଇଣ୍ଟରନେଟ୍‌ର ବ୍ୟବହାର ଆନନ୍ଦଦାୟକ ହେଲେ ହେଁ, ଏହାର ଦୀର୍ଘ ନିର୍ଭରଶୀଳତା ଯୁବଗୋଷ୍ଠୀକୁ ପଥଭ୍ରଷ୍ଟ କରିବାକୁ ବାଧ୍ୟ କରିଥାଏ । ଏହା ସେମାନଙ୍କ ଭିତରେ ଶୂନ୍ୟତାବୋଧ, ଏକାକୀତ୍ୱବୋଧ, ବିରକ୍ତି, ନିଦ୍ରାହୀନତା ଆଦି ସମସ୍ୟା ସୃଷ୍ଟି କରେ । ଖୁବ୍ କମ୍ ସମୟରେ ଇଣ୍ଟରନେଟ୍ ବା ସୋସିଆଲ୍ ମିଡିଆ ଅନେକ ଆକର୍ଷଣ ଦେଉଥିବାରୁ ଆଜିର ଯୁବପିଢ଼ି ଏହି ନିଶାରେ ଜଡ଼ିତ ରହୁଛନ୍ତି । ଯାହାଫଳରେ ଜୀବନର ଖୁସି, ଆନନ୍ଦ ଓ ବାସ୍ତବତାଠାରୁ ସେମାନେ ଅନେକ ଦୂରରେ ।

ବଢୁଛି ଆତ୍ମହତ୍ୟା

ସାମାଜିକ ଓ ପାରିବାରିକ ଆଶା ଦ୍ୱାରା ବଢୁଥିବା ପ୍ରତିଯୋଗିତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମାନସିକ ଚାପସ୍ତର ବୃଦ୍ଧିରେ ସାହାଯ୍ୟ କରେ । ଆଜିର କର୍ମ ଓ ବ୍ୟସ୍ତ ବହୁଳ ଜୀବନରେ ପିତାମାତାମାନେ ସେମାନଙ୍କ ପିଲାମାନଙ୍କ ସହିତ କମ୍ ସମୟ ଅତିବାହିତ କରନ୍ତି । ପରିବାର ସହିତ ଖୋଲା ଯୋଗାଯୋଗ ବଦଳରେ ଭାବପ୍ରବଣତା ପ୍ରକାଶ ପାଇଁ ବିଭିନ୍ନ ଗ୍ୟାଜେଟ୍ ବା ମୋବାଇଲ୍‌ର ଅତ୍ୟଧିକ ବ୍ୟବହାର ଏବଂ ସୋସାଆଲ୍ ମିଡିଆ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ଛାତ୍ରଛାତ୍ରମାନଙ୍କୁ ଆହୁରି ଏକାକୀ କରିଥାଏ । ଏହା ଦେଖାଯାଉଛି ଯେ, କୌଣସି ସମସ୍ୟା ସମାଧାନର ଉପାୟ ଯଦି ନାହିଁ ଏବଂ ଆତ୍ମହତ୍ୟା ହେଉଛି ଯନ୍ତ୍ରଣାକୁ ଅନ୍ତ କରିବାର ଏକମାତ୍ର ଉପାୟ । ଏହି ସମୟରେ ବ୍ୟକ୍ତି ଜଣକ ସାମାଜିକ ସଂପର୍କରୁ ଦୂରେଇ ରହିବା, ମନୋଭାବର ପରିବର୍ତ୍ତନ ହେବା, ପରିସ୍ଥିତି ବିଷୟରେ ଫସି ରହିବା, ନିରାଶ ଅନୁଭବ କରିବା ଆଦି କେତେକ ପ୍ରାଥମିକ ଲକ୍ଷଣ ଅଟେ । ଏହି ସମୟରେ ଖାଇବା ଓ ଶୋଇବା ଶୈଳୀରେ ମଧ୍ୟ ପରିବର୍ତ୍ତନ ଆସିଥାଏ ।

ଆତ୍ମହତ୍ୟା ଚିନ୍ତାଧାରାର ଅନେକ କାରଣ ଅଛି । ଯେତେବେଳେ ଛାତ୍ରଛାତ୍ରୀ ଅନୁଭବ କରନ୍ତି ଯେ, ସମସ୍ୟା ଓ ସମାଧାନ କୌଣସି ବିକଳ୍ପ ନାହିଁ, ନିଜର ଯେତିକି ସମ୍ବଳ ଅଛି ସେ ଏହି ଭାରୀ ପରିସ୍ଥିତିର ମୁକାବିଲା କରିପାରିବେ ନାହିଁ । ସେଥିପାଇଁ ଆତ୍ମହତ୍ୟା ଏକ ସମାଧାନ ବୋଲି ଭାବନ୍ତି ।

କଲେଜ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ସମୟ । ଅନେକ ଛାତ୍ରଛାତ୍ରୀ ପ୍ରଥମ ଥର ପାଇଁ ଘରୁ ଦୂରେଇ ରହନ୍ତି । ବର୍ଦ୍ଧିତ ସ୍ୱାଧୀନତା ଓ ସ୍ୱାଧୀନତା ସହିତ ପାଠପଢ଼ା ଚାପ, ବର୍ଦ୍ଧିତ ଶିକ୍ଷାଗତ ଚାହିଦା ଓ ନୂତନ ପରିବେଶ ସହିତ ଖାପ ଖୁଆଇବା ଚାପର ସମ୍ମୁଖୀନ ହୁଅନ୍ତି । ୧୫ରୁ ୨୪ ବର୍ଷ ବୟସର ପିଲାମାନଙ୍କ ମୃତ୍ୟୁର ତୃତୀୟ ପ୍ରମୁଖ କାରଣ ହେଉଛି ଆତ୍ମହତ୍ୟା । ଅଧିକାଂଶ ଆତ୍ମହତ୍ୟା କରୁଥିବା ବ୍ୟକ୍ତି ବଞ୍ଚିବାକୁ ଚାହାନ୍ତି ନାହିଁ, କିନ୍ତୁ ସେମାନଙ୍କ ସମସ୍ୟାର ବିକଳ୍ପ ଦେଖି ପାରନ୍ତି ନାହିଁ । ଅଧିକାଂଶ ଆତ୍ମହତ୍ୟା କରୁଥିବା ବ୍ୟକ୍ତି ଚେତାବନୀ ଦିଅନ୍ତି, ତେବେ ଅନ୍ୟମାନେ ଜାଣିପାରନ୍ତି ନାହିଁ ।

ଆତ୍ମହତ୍ୟାର କାରଣ

- ବିଷାଦ ବା ଅନ୍ୟାନ୍ୟ ମାନସିକ ବିକାର
- ମାନସିକ ଅବସାଦ
- ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ
- ମାନସିକ ବିକାର କିମ୍ବା ଆତ୍ମହତ୍ୟାର ପାରିବାରିକ ଇତିହାସ
- ପାରିବାରିକ ହିଂସା କିମ୍ବା ନିର୍ଯାତନା
- ଅତ୍ୟଧିକ ନିରାଶା
- ଚିନ୍ତା କିମ୍ବା ଉତ୍ତେଜନା
- ଅନିୟନ୍ତ୍ରିତ କ୍ରୋଧ

ନିରାକରଣ

ଆଜିର ଯୁବପିଢ଼ି ବାସ୍ତବରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ଜଡ଼ିତ । ସେଥିପାଇଁ ବିଦ୍ୟାଳୟ, କଲେଜ ଓ ବିଶ୍ୱବିଦ୍ୟାଳୟରେ କାଉନ୍‌ସେଲର୍ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କଲେଜ ଓ ବିଶ୍ୱବିଦ୍ୟାଳୟରେ ଯୋଗ ଓ ବ୍ୟାୟାମ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରିବା ଉଚିତ । ବିଭିନ୍ନ ପ୍ରକାର ସରକାରୀ ଓ ବେସରସକାରୀ ସଂସ୍ଥାରେ ଅନ୍‌ଲାଇନ୍ ନେଟ୍‌ୱାର୍କର ସୁବିଧା ଅଛି । ନୂଆ ଛାତ୍ରଛାତ୍ରୀଙ୍କୁ ଏକ ଓରିଏଣ୍ଟେସନ୍ କ୍ଲାସରେ ଏହାକୁ ବହୁଳ ଭାବରେ କହିବା ଉଚିତ । ସେମାନେ ଏକା ନାହାନ୍ତି, ପୂରା ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ସହିତ ଅଛି । ଏହି ମାନସିକତା ସୃଷ୍ଟି କରିବା ଉଚିତ । ଏପରି ଏକ ଶିକ୍ଷାନୁଷ୍ଠାନରେ ସଂସ୍କୃତି ସୃଷ୍ଟି କରିବା ଯେଉଁଠି ଲୋକମାନେ ଉତ୍ପୀଡ଼ନର ଶୀକାର ନ ହୋଇ ସମାଧାନର ବାଟ ବାହାର କରିବେ । ପିଲାମାନଙ୍କୁ ବିଭିନ୍ନ ନୈତିକ ଓ ମାନସିକ ଶିକ୍ଷା ଦିଆଯିବ ଉଚିତ । ଶ୍ରେଣୀରେ Mentor Mentees ରୋଲ୍ ସୃଷ୍ଟି କରିବା ଉଚିତ । ସମସ୍ତେ ସଜାଗ ରହିଲେ, ଏହାକୁ ଆମେ ସମାଧାନ କରି ପାରିବା, ଯେଉଁଥିରେ ଛାତ୍ରଛାତ୍ରୀମାନେ ନିରାଶ ନ ହୋଇ ଆଶାର ଦୀପ ପ୍ରଜ୍ୱଳନ କରିବେ । ଏକଜୁଟ ହୋଇ ଏହି ସ୍ରୋତରେ ସାମିଲ ହେବା ଉଚିତ । ଆପଣ ଏକ ନୁହଁନ୍ତି, ଏହି ସମୟରେ ସେମାନଙ୍କର ଆତ୍ମ ବିଶ୍ୱାସ ଓ ଆତ୍ମ ସାର୍ମଥ୍ୟବୋଧ ଦୃଢ଼ କରନ୍ତି । ଆଉ ଏକ କାରଣ ହେଉଛି ଜେନେଟିକ୍ ଲିଙ୍କ ମଧ୍ୟ ହୋଇପାରେ । ବିଭିନ୍ନ ଅନୁଧ୍ୟାନରୁ ଦେଖାଯାଇଛି ଯେ, ଯେଉଁମାନଙ୍କର ଆତ୍ମହତ୍ୟା ଚିନ୍ତାଧାରା କିମ୍ବା ଆଚରଣ ଥାଏ, ସେମାନଙ୍କର ପରିବାରରେ ଆତ୍ମହତ୍ୟାର ଇତିହାସ ରହିବାର ସମ୍ଭାବନା ଅଧିକ ଥାଏ ।

ଯଦିଓ ମାନସିକ ଅସୁସ୍ଥତା ଓ ଆତ୍ମହତ୍ୟାର ଅନେକ ସଂପର୍କ ଅଛି । ସାଧାରଣ ଲୋକଙ୍କ ତୁଳନାରେ ମାନସିକ ଅସୁସ୍ଥତା ଥିବା ଲୋକଙ୍କ ଆତ୍ମହତ୍ୟାର ଆଶଙ୍କା ଅଧିକ ଥାଏ । ମାନସିକ ଅସୁସ୍ଥତା ଏକ ନକରାତ୍ମକ ଜୀବନ ଦେବାରେ ସାହାଯ୍ୟ କରେ । ଦେଶର ବିକାଶରେ ଯୁବପିଢ଼ିଙ୍କ ପ୍ରମୁଖ ଭୂମିକା ରହିଛି । ତେଣୁ ଯୁବବର୍ଗ ସତ୍‌ପଥରେ ପରିଚାଳିତ ହେଲେ ସମାଜ ଓ ଦେଶର ଉନ୍ନତି ହେବ । ■

ଆସୋସିଏଟ୍ ପ୍ରଫେସର
ସ୍କୁଲ୍ ଅଫ୍ ହ୍ୟୁମାନ୍ ରିସୋର୍ସ ମ୍ୟାନେଜମେଣ୍ଟ, ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ: ୮୨୪୯୮ ୯୬୧୪୮

ପ୍ରତିରୋଧ ଓ ନିରାକରଣ

ପ୍ରଯୁକ୍ତି ନିଶା ଏବେ ଯୁବ ସମାଜ ପାଇଁ ଜଟିଳ ସମସ୍ୟା । କିଶୋରକିଶୋରୀମାନେ ଏହାରି ଭିତରେ ଦୀର୍ଘ ସମୟ ଅତିବାହିତ କରନ୍ତି । ନିଜର ଧ୍ୟାନ ଓ ଏକାଗ୍ରତା ହରାଇ ବସନ୍ତି ଓ ସାମାଜିକ କୌଶଳର ମଧ୍ୟ ଅଭାବ ଦେଖାଯାଏ । ତେଣୁ ଏପରି ପରିସ୍ଥିତିରେ ସେମାନଙ୍କୁ ବେଶୀ ମାନସିକ ଚାପ ନଦେଇ ଅଧିକ ସମୟ ଦେବା ଓ ତାଙ୍କ କଥା ଶୁଣିବା, ସମସ୍ୟାର ସମାଧାନ ପାଇଁ ସହଯୋଗ କରିବା, ସୋସିଆଲ୍ ମିଡିଆ ବ୍ୟବହାର ପାଇଁ ଏକ ଶୃଙ୍ଖଳା ବା ନିୟମ କରିବା ତଥା ସାଙ୍ଗସାଥୀଙ୍କ ସହିତ ମିଶି କିଛି ଆଲୋଚନା କରିବା ଆବଶ୍ୟକ । ସେମାନଙ୍କୁ ସମାଜର ମୁଖ୍ୟ ଧାରାରେ ସାମିଲ କରିବା ଉଚିତ । ଏହାଛଡ଼ା ଖେଳକୁଦ, ସର୍ଜନଶୀଳ କାର୍ଯ୍ୟକଳାପରେ ଯୋଗ ଦେବା ପାଇଁ ପ୍ରୋତ୍ସାହନ ଦେବା ଓ ସେମାନଙ୍କ ପାଇଁ ପ୍ରକୃଷ୍ଟ କ୍ଷେତ୍ର ପ୍ରସ୍ତୁତ କରିବା ଉଚିତ । ଶେଷରେ ଦେଶର ଭବିଷ୍ୟତକୁ ପରିବର୍ତ୍ତନ କରିବା ପାଇଁ ଯୁବପିଢ଼ିଙ୍କର ଶକ୍ତି, ସୃଜନଶୀଳତା ଏବଂ ଆଗ୍ରହକୁ ଉପଯୋଗ କରି ବିଭିନ୍ନ କ୍ଷେତ୍ରରେ ଉନ୍ନତି ଓ ପରିବର୍ତ୍ତନ ଆଣି ପାରିବା ।

ନୀତି ଅନୀତି ରାଜନୀତି

ଶ୍ରୀବିଦୂର



ବିଚରା ନିତ୍ୟାନନ୍ଦ

ନିତ୍ୟ ଆନନ୍ଦ ଅନୁଭବ କରୁଥିବା ବାବୁ ନିତ୍ୟାନନ୍ଦ ହେଉଛନ୍ତି ଆମ ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମୁଖିଆ । ମହାଶୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ଓ ଆଇନରେ ସ୍ନାତକ ଡ଼ିଗ୍ରୀ ହାସଲ କରିଛନ୍ତି । ପାଠଶାଠରେ ତାଙ୍କର ଗଭୀର ଜ୍ଞାନ ଯୋଗୁଁ ମୋହନ ସରକାରରେ ତାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ପଦ ମିଳିଛି । ମାତ୍ର ବାବୁ ନିତ୍ୟାନନ୍ଦ ଯେତିକି ସରଳ, ଶାସକ ଦଳରେ ଥିବା ତାଙ୍କ ବିରୋଧୀ ସେତିକି ଜଟିଳ । କେମିତି ମନ୍ତ୍ରୀଙ୍କୁ ଖାଲରେ ପକାଯିବ ଓ ମନ୍ତ୍ରିମଣ୍ଡଳରୁ ବିଦା କରାଯିବ ସେଥିପାଇଁ ରୀତିମତ ନିତ୍ୟାନନ୍ଦ ଦମନ ମନ୍ତ୍ର ଜପ କରୁଛନ୍ତି । ନ ହେଲେ ସରକାରରେ ତିରିଶରୁ ଅଧିକ ବିଭାଗ ଥିବାବେଳେ ନିତ୍ୟାନନ୍ଦଙ୍କ ବେକରେ ମନ୍ଦାରମାଳ ପକାଇ ରାସ୍ତାକୁ କ'ଣ ଛାଡ଼ି ଦିଅନ୍ତେ ? ପ୍ରଥମେ ରଙ୍ଗ ପରିବର୍ତ୍ତନ କାମ ନିତ୍ୟାନନ୍ଦଙ୍କ ବିଭାଗରୁ ଆରମ୍ଭ କରିବାକୁ ଯୋଜନା କରାଗଲା । ଯା ପରେ ପିଲାଙ୍କ ୟୁନିଫର୍ମ ବଦଳାଇଲେ; ଏବେ ପୁଣି ସ୍କୁଲ ପିଲାଙ୍କ ବେକରେ ପଡୁଥିବା ପରିଚୟପତ୍ର ଓ ଲୋଗୋ ବି ପରିବର୍ତ୍ତନ ବ୍ୟବସ୍ଥା କରାଗଲା । ବିରୋଧୀ ବିରୋଧ କଲେ ବି ସରକାରଙ୍କୁ କହିବ କିଏ? ମାତ୍ର ସ୍କୁଲରେ ଶିକ୍ଷକ ବଦଳି ପାଇଁ ବିଧାୟକ ଓ ସାଂସଦଙ୍କୁ ସୁପାରିସ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ପରେ ଅଡୁଆରେ ପଡ଼ିଛନ୍ତି ନିତ୍ୟାନନ୍ଦ । ଘରପାଖ, ରାସ୍ତାକଡ଼ ଓ ପିଲା ନ ଥିବା ସ୍କୁଲକୁ ବଦଳି ପାଇଁ କୁଆଡ଼େ ଶାସକ ଦଳ ବିଧାୟକ ଓ ସାଂସଦଙ୍କ ପାଖରେ ଏତେ ଭିଡ଼ ହେଲା ଯେ ପରିସ୍ଥିତି ଅସମ୍ଭାଳ ହୋଇଗଲା । ଶେଷରେ ସରକାରଙ୍କ ନିଷ୍ପତ୍ତି ଉପରେ ଲାଗିଗଲା ଅଦାଲତୀ ଅଙ୍କୁଶ । ଏବେ ବିଚରା ନିତ୍ୟାନନ୍ଦ କ'ଣ କରିବେ ବୁଝି ପାରୁନାହାନ୍ତି । ■

ଅସତ୍ୟ ସତ୍ୟପାଠ !

ସ୍ୱାଧୀନତା ପରେ ଓଡ଼ିଶା ସରକାରରେ ଢ଼େର ନେତା ଯୋଗାଣମନ୍ତ୍ରୀ ହୋଇଛନ୍ତି । ମାତ୍ର ଏବର ଯୋଗାଣମନ୍ତ୍ରୀ ବାବୁ କୃଷ୍ଣଚନ୍ଦ୍ର ଯେପରି ତାଙ୍କ ବିଭାଗକୁ ନେଇ ପ୍ରସିଦ୍ଧି ଅର୍ଜିଛନ୍ତି, ସମ୍ଭବତଃ ସେପରି ପ୍ରସିଦ୍ଧି ଆଉ କାହାକୁ ମିଳିନାହିଁ । ଭବିଷ୍ୟତରେ ମଧ ମିଳିବ କି ନାହିଁ, ତାହା ମଧ ସନ୍ଦେହରେ । ବିରୋଧୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ନିକଟରେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ଅନ୍ୟ ଯେଉଁ ନାମରେ ପ୍ରସିଦ୍ଧି ପାଇଛନ୍ତି ତାହା ଆଳୁ ପରି ଏକ ସର୍ବଭକ୍ଷ ଖାଦ୍ୟ ସାମଗ୍ରୀ ସହ ଜଡ଼ିତ । ଆଳୁ ଆମଦାନୀ, ଉତ୍ତରପ୍ରଦେଶ ନାଲି ଆଳୁ, ଆଳୁ ରେଳ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ସର୍ବଦା ଚର୍ଚ୍ଚିତ । ମାତ୍ର ଏବେ ଆଉ ଯେଉଁ ଘଟଣାଟି ତାଙ୍କୁ ଚର୍ଚ୍ଚାର ପରିଧିକୁ ଆଣିଛି ତାହା ହେଉଛି ତାଙ୍କର ଜମି କିଣା ସଂକ୍ରାନ୍ତରେ । ଜମି ଦେବାକୁ ଜଣେ ବ୍ୟକ୍ତି କୃଷ୍ଣଚନ୍ଦ୍ର (ସେତେବେଳେ ସେ ମନ୍ତ୍ରୀ ନ ଥିଲେ)ଙ୍କଠାରୁ ୨୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ କରି ନିଜେ ବିବାଦକୁ ଡ଼ାକିଛନ୍ତି ମନ୍ତ୍ରୀ । ଗତ ୨୦୨୪ ନିର୍ବାଚନ ସମୟରେ କୃଷ୍ଣଚନ୍ଦ୍ର ନାମାଙ୍କନ ପତ୍ରରେ ସଂଲଗ୍ନ କରିଥିବା ସତ୍ୟପାଠ ଓ ଜମି ପାଇଁ ୨୫ ଲକ୍ଷ ଟଙ୍କା ପ୍ରଦାନ ମଧ୍ୟରେ ତାରତମ୍ୟ ତାଙ୍କୁ ଅଡୁଆରେ ପକାଇ ଦେଇଛି । ସତ୍ୟପାଠ ଅନୁସାରେ ୨୦୧୯-୨୦ ଓ ୨୦୨୦-୨୧ରେ ତାଙ୍କ ପାଖରେ ମାତ୍ର ୭ ଲକ୍ଷ ୩୫ ହଜାରରୁ ଅଳ୍ପ କିଛି ଟଙ୍କା ଥିଲା । ମାତ୍ର ୨୦୨୧ରେ ସେ ଜମି କିଣା ପାଇଁ ୨୫ ଲକ୍ଷ ଟଙ୍କା କେଉଁଠୁ ଓ କିପରି ଦେଲେ ତାହା ଅନେକଙ୍କୁ ସନ୍ଦେହରେ ପକାଇଛି । ଯଦି ମନ୍ତ୍ରୀଙ୍କ ପାଖରେ ଏତେ ଟଙ୍କା ଥିଲା, ତେବେ ସେ ସତ୍ୟପାଠରେ ଅସତ୍ୟ ଲେଖିଲେ କାହିଁକି ? ଯଦି ସତ୍ୟପାଠଟି ବାସ୍ତବରେ ସତ୍ୟ, ତେବେ ଏହି ପଚିଶି ଲକ୍ଷ ଟଙ୍କା ମନ୍ତ୍ରୀ ଆଣିଲେ କେଉଁଠୁ? ■

ହାତ ମଠରେ ଫଗୁଣ

ମାଷ୍ଟରକ୍ୟାଣ୍ଟିନ ମଠାଧୀଶ ଭାବରେ ଭକ୍ତଚରଣ ଦାୟିତ୍ୱ ନେବା ପରଠାରୁ ହାତ ପାର୍ଟିଆ ପୂରା ଉତ୍ସାହିତ । ଭଙ୍ଗା ହାତରେ ଭକ୍ତ ପୁରୀ ଶୋଭାଯାତ୍ରା କରି ସରକାରଙ୍କୁ ଶାନ୍ତିରେ ରଖାଇ ଦେବେ ନାହିଁ ବୋଲି କରିଥିବା ଘୋଷଣାକୁ ପୂରା ଦମ୍‌ରେ କାର୍ଯ୍ୟକାରୀ କରୁଛନ୍ତି ଓ ତାଙ୍କ ଦଳର ନେତାମାନେ ବି ତାଙ୍କୁ ପୂରା ସହଯୋଗ ଯୋଗାଇ ଦେଉଥିବା ଦେଖା ଯାଉଛି । ଦଳର ସବୁ ପୁରୁଖା ନେତା ଏକାଠି ହୋଇ ସରକାରଙ୍କୁ ଅକଳରେ ପକାଇବାକୁ ରୀତିମତ କସରତ ଚଳାଇଛନ୍ତି ଓ ଦଳର ତିନି ଛାମୁଆ ସଙ୍ଗଠନ ଛାତ୍ର-ଯୁବ-ମହିଳା ବି ପୁରା ସକ୍ରିୟ । ହାତ ମଠରେ ପ୍ରତିଦିନ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହେଉଛି, ସରକାରଙ୍କ ଗୋଛି କାଟିବାକୁ ଅସ୍ତ୍ର କ୍ଷେପଣ କରାଯାଉଛି । ନାରୀଙ୍କୁ ନ୍ୟାୟ ପ୍ରସଙ୍ଗରେ ହାତ ଦଳର ଓଡ଼ିଶା ବନ୍ଦ ଡ଼ାକରାକୁ ସ୍ୱତଃସ୍ଫୁର୍ତ୍ତ ସମର୍ଥନ ସରକାରଙ୍କ ଟେନ୍‌ସନ ବଢ଼ାଇ ଦେଇଛି । ଢ଼େର ଦିନ ବ୍ୟବଧାନରେ ହାତ ଦଳର ଜାତୀୟ ନେତୃତ୍ୱ ବି ଓଡ଼ିଶା ଉପରେ ଟିକେ ଧ୍ୟାନ ଦେବା ପରି ମନେ ହେଉଛି । ରାହୁଲ ଓଡ଼ିଶାରେ ତାଙ୍କର କାର୍ଯ୍ୟକ୍ରମ କରି ଯାଇଛନ୍ତି, ହାତ ପାର୍ଟିର ଦିଲ୍ଲୀ ନେତାନେତ୍ରୀମାନେ ଓଡ଼ିଶାକୁ ନିୟମିତ ଗସ୍ତ କରୁଛନ୍ତି, ଆଗାମୀ ଦିନରେ ପ୍ରିୟଙ୍କା ଗାନ୍ଧୀ ବି ଓଡ଼ିଶା ଆସିବେ ବୋଲି ଶୁଣା ଯାଉଛି । ଆଉ ଏବେ ଯେଉଁ ଧାରା ଚାଲିଛି, ତାହା ଯଦି ଜାରି ରହେ; ତେବେ କୋଡ଼ିଏ ମାସ ପରେ ହେବାକୁଥିବା ପୌର-ପଞ୍ଚାୟତ ନିର୍ବାଚନ ବେଳକୁ ଗଛରେ କିଛି ଫଳ ଫଳିବ ବୋଲି ବି ଅନେକ ଆଶା ବାନ୍ଧିଲେଣି । ସେଥିପାଇଁ ରାଜ୍ୟ ହାତ ଦଳରେ ଏବେ ଫୁଲ୍ ଫଗୁଣ ମାସ ଚାଲିଛି; ପତ୍ରଝଡ଼ା ଦେଇ ଢ଼େର ଦିନ ହେଲା ଥୁଣ୍ଟା ଠିଆ ହୋଇଥିବା ହାତ ଗଛରେ ପତ୍ର କଅଁଳୁଛି ବୋଲି ଗାଁ ଗହଳିରେ କର୍ମୀମାନେ ବି କହିବା ଆରମ୍ଭ କରିଛନ୍ତି । ■

ଆଇନରେ ହାତକଡ଼ି

ଗଲା କିଛି ଦିନ ହେଲା ରାଜ୍ୟରେ ଯାହା ସବୁ ଘଟି ଚାଲିଛି, ତାହାକୁ ନେଇ ବିରୋଧୀ ସରକାରଙ୍କୁ ବାରମ୍ବାର କାଠଗଡ଼ାରେ ଠିଆ କରି ସାରିଲେଣି । ବାଲେଶ୍ୱର ଛାତ୍ରୀ ଆତ୍ମଦାହ, ବଳଙ୍ଗା ଛାତ୍ରୀ ପୋଡ଼ିକୁ ନେଇ ବିରୋଧୀଙ୍କ ଷଣ୍ଢୁଆସୀ ଆକ୍ରମଣ ପରେ ସରକାର ଟିକେ ସଜାଗ ହୋଇ ଯାଇଛନ୍ତି । ଗୃହ ବିଭାଗ ପ୍ରତ୍ୟେକ ଘଟଣାରେ ତତ୍ପରତା ପ୍ରକାଶ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଉଛି । ଏପରିକି ସହଯୋଗୀମାନଙ୍କ ସହ ବିନା ହେଲ୍‌ମେଟରେ ମୋଟର ସାଇକେଲ ଶୋଭାଯାତ୍ରାରେ କରିଥିବା ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ବିରୋଧରେ ତୁରନ୍ତ ଆଇନ ଅନୁସାରେ ପଦକ୍ଷେପ ନେବାକୁ ଗୃହ ବିଭାଗ ପୁଲିସ ଡ଼ିଜିଙ୍କୁ ନିର୍ଦ୍ଦେଶ ଦେଇଛି । ମାତ୍ର ଧର୍ମଶାଳାର ସ୍ୱାଧୀନ ବିଧାୟକ ହିମାଂଶୁ ସାହୁଙ୍କ ପ୍ରସଙ୍ଗରେ ସରକାର ଓ ଗୃହ ବିଭାଗର ରହସ୍ୟମୟ ନିରବତା ପରେ ଯାଜପୁରବାସୀ ପୁଲିସର ଅସହାୟତାକୁ ଆକ୍ଷେପ କରୁଛନ୍ତି ଓ ଆଇନରେ ହାତକଡ଼ି ଲାଗିଛି ବୋଲି ବିଦ୍ରୁପ କରୁଛନ୍ତି । ଧର୍ମଶାଳାର ସ୍ୱାଧୀନ ବିଧାୟକ ହିମାଂଶୁଙ୍କ ବିରୋଧରେ ଖୋଦ ଶାସକ ଦଳର ନେତା ତଥା ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ଜିଲ୍ଲା ସଭାପତିଙ୍କ ପତ୍ନୀ ସାଂଘାତିକ ଅଭିଯୋଗ ଆଣିଛନ୍ତି । ହିମାଂଶୁ ତାଙ୍କୁ ଧମକଚମକ ଦେବା ସହ ଅସଦାଚରଣ କରିଥିବା ସଂକ୍ରାନ୍ତରେ ଥାନାରେ ଏତଲା ଦେଇଛନ୍ତି । ମାତ୍ର ଯାଜପୁର ପୁଲିସ ତୁଣ୍ଡରେ ତୁଣ୍ଡି, ହାତକୁ ଖାକି ପକେଟ ଭିତରେ ଭର୍ତ୍ତିକରି ଚୁପ୍ ହୋଇ ବସିଛି । ଶୁଣିବା କଥା ହେଲା ହିମାଂଶୁଙ୍କୁ ସୁରକ୍ଷା ଦେବା ଓ ମାମଲାର ରଫାଦଫା କରିବା ପାଇଁ ପୁଲିସ କୁଆଡ଼େ ନୂଆ ନୂଆ ଫନ୍ଦି କାଢ଼ୁଛି । ନାରୀ ନ୍ୟାୟ ନାରା ଦେଉଥିବା ପଦ୍ମ ଦଳର ଏ ରୀତି ଦେଖି ଦୁନିଆ କାବା । ସତରେ କ'ଣ ଆଇନରେ ହାତକଡ଼ି ପଡ଼ି ଯାଇଛି କି ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।